ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.134 Bhubaneswar Sunday July 02 2023 | ୨୬ତମ ବର୍ଷ ସଂଖ୍ୟା-୧୩୪ ଭୁବନେଶ୍ୱର ରବିବାର, ଜୁଲାଇ ୦୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

# ଘର ଖଣ୍ଡିଏ ଦେଲେନି; ୭ ଛୁଆଙ୍କୁ ଧରି ୭ ବର୍ଷ ହେଲା ଜଙ୍ଗଲରେ ରହୁଛନ୍ତି ଦମ୍ପତି



ଭୁବନେଶ୍ୱର,୧ ।୭(ପି.ଏନ): ଜୋତା, ଛତା, ଭତ୍ତା କେତେକ'ଣ ଦେଉଛନ୍ତି ସରକାର। ହେଲେ ଜଣେ ଅସହାୟକୁ ଘର ଖଣ୍ଡିଏ ଦେଇପାରିଲେ ନାହିଁ। ଯେତେ ଗୁହାରୀ କଲେ ମଧ୍ୟ ଶୁଣିଲେ ନାହିଁ। ତେଣୁ ପିଲା ଛୁଆଙ୍କୁ ଧରି ଜଙ୍ଗଲକୁ ପଳାଇଗଲେ ରାମ। ଇଏ ସେହି ରାମ, ଯାହାଙ୍କ ଗୋଡ ଦାରିଦ୍ର୍ୟର ଶିକୁଳୀରେ ବନ୍ଧା ହୋଇଛି। ସେଥିରୁ ମୁକୁଳି ନପାରି ସରକାରୀ ବିଧି ବ୍ୟବସ୍ଥା ଉପରୁ ବିଶ୍ୱାସ ତୁଟାଇ ୭ ବର୍ଷ ହେଲା ଘଞ୍ଚ ଜଙ୍ଗଲରେ ପଲିଥିନ୍? ତଳେ ଜୀବନ ବିତାଉଛନ୍ତି। ଦାରିଦ୍ର୍ୟର ଏପରି ବକଳ ଚିତ୍ର ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକରୁ। ମେରାପଲ୍ଲି ପଞ୍ଚାୟତ ମେରାମା ଗାଁର ରାମ ମଲ୍ଲିକ। ଘରଡିହ ଖଣ୍ଡକ ଛଡା ଜମିବାଡି କିଛି ନାହିଁ। କାମଦାମ କରି ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ପୂରା ପରିବାର। ପରିବାର କହିଲେ ପତ୍ନୀ କଳାବତୀ। ଦାରିଦ୍ର୍ୟରେ ଘାଣ୍ଟି ହେଉଥିଲେ ମଧ୍ୟ ବେଶ୍ ହସ ଖୁସିରେ ଜୀବନ କାଟୁଥିଲେ ସ୍ୱାମୀ-ସ୍ତ୍ରୀ। ତାହାରି ଭିତରେ କୋଳମଣ୍ଡନ କରିଥିଲା ମହିମା। ଝିଅ ଜନ୍ମ ହେବା ପରେ ଘରକୁ ଲକ୍ଷ୍ମୀ ଆସିଛି ଭାବି ଖୁସି ମନାଇଲେ ରାମ ଓ କଳାବତୀ।ଝିଅକୁ ଦୁଇ ବର୍ଷ ହୋଇଥିଲା କଳାବତୀ ପୁଣି ଥରେ ମାଆ ହେଲେ। ପୁଅଟିଏ ଜନ୍ମ ହୋଇଥିଲା। ହେଲେ ସେ ଖୁଶି ବେଶୀ ଦିନ ରହିଲା ନାହିଁ। ଆଖି ବୁଜିଲା ପୁଅ। ତା'ପରେ ରାମଙ୍କର ୩ ପୁଅଙ୍କ ଅକାଳରେ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ସ୍ୱାମୀ-ସ୍ତ୍ରୀ ଭାଙ୍ଗି ପଡିଥିବା ବେଳେ ଛାତ ଉପରୁ ଚାଳ ଉଡାଇ ନେଇଥିଲା ଦଇବ। ବର୍ଷା ପବନରେ ରାମଙ୍କ ଚାଳ ଛପର ଉଡି ଯାଇଥିଲା। ଏନେଇ ସେ ସ୍ଥାନୀୟ ସରପଞ୍ଚଙ୍କ ପାଖରେ ଗୁହାରୀ କରିଥିଲେ। ଘର ଖଣ୍ଡିଏ ଯୋଗାଇଦେବା ପାଇଁ ହାତ ଯୋଡି କେତେକଣ ଅନୁରୋଧ କରିଥିଲେ। ହେଲେ ମିଳିଲା ନାହିଁ।

# ଜିଏସଟି ସଂଗ୍ରହରେ ଓଡ଼ିଶାର ରେକର୍ଡ, ଜୁନରେ ଆଦାୟ ହୋଇଛି ୧୭୩୨.୪୯ କୋଟି




ଭୁବନେଶ୍ୱର,୧ ।୭(ପି.ଏନ): ଜିଏସଟି ଆଦାୟରେ ରାଜ୍ୟ ସରକାରଙ୍କ ରେକର୍ଡ । ଜୁନ ମାସରେ ୨୫.୧୩ ପ୍ରତିଶତ ଅଧିକ ଜିଏସଟି ଆଦାୟ ସହ ଆଇଜିଏସଟି ସେଟଲମେଣ୍ଟ କରାଯାଇଛି । ଗତବର୍ଷ ଜୁନ ମାସରେ ରାଜ୍ୟ ସରକାର ୧୩୮୪ କୋଟି ୫୯ ଲକ୍ଷ ଟଙ୍କାର ଜିଏସଟି ଆଦାୟ ସହ ଆଇଜିଏସଟି ସେଟଲମେଣ୍ଟ କରିଥିଲେ । ଚଳିତ ବର୍ଷ ଜୁନରେ କିନ୍ତୁ ରାଜ୍ୟ ସରକାର ରେକର୍ଡ ୧୭୩୨ କୋଟି ୪୯ ଲକ୍ଷ ଟଙ୍କାର ଜିଏସଟି ଆଦାୟ ଓ ଆଇଜିଏସଟି ସେଟଲମେଣ୍ଟ କରିଛନ୍ତି । ସେହିଭଳି ଆର୍ଥିକ ବର୍ଷ ଆରମ୍ଭରୁ ଜୁନ ସୁଦ୍ଧା ଅର୍ଥାତ ପ୍ରଥମ ତିନି ମାସରେ ରାଜ୍ୟ ସରକାର ଗତ ବର୍ଷ ତୁଳନାରେ ୩୦.୧୩ ପ୍ରତିଶତ ଅଧିକ ଜିଏସଟି ଆଦାୟ ଓ ଆଇଜିଏସଟି ସେଟଲମେଣ୍ଟ କରିଛନ୍ତି । ଏହି ସମୟ ମଧ୍ୟରେ କେବଳ ଜିଏସଟି ଆଦାୟରେ ମଧ୍ୟ ୭.୬୫ ପ୍ରତିଶତ ଅଭିବୃଦ୍ଧି ହୋଇଛି । ସେହିପରି ଜୁନ ମାସରେ ଟିକସ ଆଦାୟରେ ମଧ୍ୟ ୧୩.୮୪ପ୍ରତିଶତ ବୃଦ୍ଧି ହୋଇଛି ।

## ମୁନିଗୁଡା ଠାରେ ମାଓବାଦୀଙ୍କ ମାଓ ତାଣ୍ଡବ, ହାଇୱା ପୋଡିଲେ

ଭୁବନେଶ୍ୱର, ୧ ।୭(ପି.ଏନ): ରାୟଗଡା ଜିଲ୍ଲାର ମୁନିଗୁଡା ଠାରେ ଥିବା କ୍ରସରରେ ମାଓବାଦୀ ମାନେ ହାଇୱା ପୋଡି ଦେଇଥିବା ସୂଚନା ମିଳିଛି । ଗତକାଲି ରାତ୍ରୀରେ ମାଓବାଦୀ ମାନେ ଚାରୋଟି ହାଇୱା ସହ ଦୁଇଟି ଚେନ୍ ଜେସିବି ପୋଡି ଦେଇଛନ୍ତି କ୍ଷ ଗତକାଲି ରାତିରେ ୨୦ ରୁ ଉର୍ଦ୍ଧ ମହିଳା ମାଓବାଦୀ କ୍ରସର ନିକଟକୁ ଆସି ପ୍ରଥମେ ସେଠାରେ ଥିବା କର୍ମଚାରୀ ମାନଙ୍କ ମୋବାଇଲ ମାଗିଥିଲେ ପରେ ପୋଡାଜଳା କରିବାପରେ ମବାଇଲ ଗୁଡିକ ଫେରାଇ ଦେଇ ଚାଲି ଯାଇଥିବା ଜଣାପଡିଛି ।

## ସମ୍ବଲପୁର ଜିଲ୍ଲାର ଜମନକିରାରେ ବସ ଦୁର୍ଘଟଣା, ୮ ଆହତ

ଭୁବନେଶ୍ୱର, ୧ ।୭(ପି.ଏନ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଞ୍ଚଳରେ ଆଜି ଭୋର ସମୟରେ ଏକ ଦୁର୍ଘଟଣା ଘଟି ୮ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଜମନକିରା ଥାନା ବାଇପାସ ରାସ୍ତାରେ କେନ୍ଦୁଝରରୁ -ବଲାଙ୍ଗୀର ଓଏସଆରଟିସିର ସରକାରୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସଟି ପୂର୍ବ ରୁ ଛିଡା ଥିବା ଟ୍ରକ କୁ ପଛ ପଟୁ ଧକ୍କା ଦେଇଥିଲା କ୍ଷ ଏହି କାରଣରୁ ବସ ଚାଳକ ସମେତ ୮ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩ ଗୁରୁତର ହୋଇଥିବା ଜଣା ପଡିଛି । ଗୁରୁତର ଆହତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

## ଚାଲିଛି ଶ୍ରୀଜିଉଙ୍କ ନୀଳାଦ୍ରି ବିଜେ ନୀତି, ନୀଳାଚଳକୁ ବାହୁଡୁଛନ୍ତି ନୀଳାଦ୍ରିନାଥ

ପୁରୀ,୧ ।୭(ପି.ଏନ): ଆରମ୍ଭ ହୋଇଛି ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି । ସରିଲା ଶ୍ରୀମନ୍ଦିରର ପ୍ରତୀକ୍ଷା । ଶ୍ରୀକ୍ଷେତ୍ରରେ ଚାଲିଛି ଶ୍ରୀଜିଉଙ୍କ ନୀଳାଦ୍ରି ପହଣ୍ଡି । ନୀଳାଚଳକୁ ବାହୁଡୁଛନ୍ତି ନୀଳାଦ୍ରିନାଥ । ରଥ ଉପରୁ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ପରେ ଶ୍ରୀବଳଭଦ୍ରଙ୍କ ପହଣ୍ଡି ଶେଷ ହୋଇଛି । ଏହାପରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ପରେ ପରେ ଶେଷରେ ଆସିବେ ଦାରୁବ୍ରହ୍ମ- ପରମବ୍ରହ୍ମ – ଜଗତ ଠାକୁର- ଶ୍ରୀଜଗନ୍ନାଥ । ଶୃଙ୍ଖଳିତ ନୀଳାଦ୍ରି ବିଜେ ନୀତି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କାଳିଆ ସାଆନ୍ତଙ୍କ ନୀଳାଦ୍ରି ପହଣ୍ଡି ବେଳେ ଦେଖିବାକୁ ମିଳିବ ଆଉ ଏକ ମାନବୀୟ ଲୀଳା । ମହାପ୍ରଭୁ ଝୁଲିଝୁଲି ଯିବା ବେଳେ ହଠାତ୍ ସିଂହଦ୍ୱାର ବନ୍ଦ କରିଦେବେ ମାଆ ଲକ୍ଷ୍ମୀ ସାଆନ୍ତାଣୀ । ଅନେକ ବଚନିକା ପରେ ମାଆଙ୍କୁ ରସଗୋଲା ଖୁଆଇ ଓ ପାଟବସ୍ତ୍ର ଦେଇ ମାନଭଞ୍ଜନ ପରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପାଇଁ ଅନୁମତି ଦେବେ ମହାଲକ୍ଷ୍ମୀ ।

# ଓଡିଶା ଆପାର୍ଟମେଂଟ୍ ଅଧାଦେଶ, ଗେଜେଟ୍ ବିଜ୍ଞପ୍ତି ଜାରି: କଟକଣା ହଟିଲା, କିଣାବିକା ହେବ ଆପାର୍ଟମେଂଟ



ଭୁବନେଶ୍ୱର,୧ ।୭(ପି.ଏନ): ରାଜ୍ୟ କ୍ୟାବିନେଟ୍ ଗତ ମେ' ୨୯ତାରିଖରେ ଅନୁମୋଦନ କରିଥିବା ଓଡିଶା ଆପାର୍ଟମେଂଟ(ମାଲିକାନା ଓ ପରିଚାଳନା) ଅଧାଦେଶ-୨୦୨୩କୁ ରାଜ୍ୟପାଳଙ୍କ ମଞ୍ଜୁରୀ ପରେ ଗେଜେଟ୍ ବିଜ୍ଞପ୍ତି ଆକାରରେ ଆଇନ ବିଭାଗ ପ୍ରକାଶ କରିଛି । ଏହି ଅଧାଦେଶର ଗେଜେଟ୍ ବିଜ୍ଞପ୍ତି ଜାରି ପରେ ରାଜ୍ୟରେ ଦୀର୍ଘ ପ୍ରାୟ ଏକ ବର୍ଷରୁ ଅଧିକ ଦିନ ଧରି ଆପାର୍ଟମେଂଟ କିଣାବିକା ଉପରେ ରହିଥିବା କଟକଣା ନିରସ୍ତ ହୋଇଛି । ଏହି ଓଡିଶା ଆପାର୍ଟମେଂଟ(ମାଲିକାନା ଓ ପରିଚାଳନା) ଅଧାଦେଶ-୨୦୨୩ ସବୁ ପୁରୁଣା ଓ ନୂଆ ଆପାର୍ଟମେଂଟ ତଥା ଉଭୟ ଫ୍ରି ଓ ଲିଜ୍ ହୋଲଡ୍ ଜମିରେ ନିର୍ମିତ ହୋଇଥିବା ଆପାର୍ଟମେଂଟ ନିମନ୍ତେ ଲାଗୁ ହେବ । ପ୍ରକଳ୍ପର ୫୦ ପ୍ରତିଶତ କିମ୍ବା ୭ଟି ଘର ବୁକ୍ ହୋଇଥିଲେ ଆସୋସିଏସନ୍ ଗଠନ ହେବ ଏବଂ ପ୍ରତ୍ୟେକ ଆପାର୍ଟମେଂଟ ପାଇଁ ଗୋଟିଏ ଲେଖାଏଁ ଆସୋସିଏସନ୍ ରହିବ । ଆପାର୍ଟମେଂଟ କିଣିଥିବା ସମସ୍ତ ବ୍ୟକ୍ତି ଆସୋସିଏସନର ସଦସ୍ୟ ରହିବେ । ରାଜ୍ୟ ଆଇନ ବିଭାଗ ପକ୍ଷରୁ ଜୁନ୍ ୨୮ତାରିଖରେ ଜାରି ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଓଡିଶା ଆପାର୍ଟମେଂଟ(ମାଲିକାନା ଓ ପରିଚାଳନା) ଅଧାଦେଶ-୨୦୨୩କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଜୁନ୍ ୨୧ତାରିଖରେ ଅନୁମୋଦନ କରିଛନ୍ତି । ମେ' ୨୯ତାରିଖରେ ରାଜ୍ୟ କ୍ୟାବିନେଟ୍ ଓଡିଶା ଆପାର୍ଟମେଂଟ ମାଲିକାନା ଅଧିନିୟମ-୧୯୮୨(୧୯୮୪ର ଓଡିଶା ଧାରା ୧)କୁ ଉଚ୍ଛେଦ କରି ଓଡିଶା ଆପାର୍ଟମେଂଟ(ମାଲିକାନା ଓ ପରିଚାଳନା) ଅଧାଦେଶ-୨୦୨୩କୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଗତ ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲେ ।ବିଧାନସଭାର କୌଣସି ଅଧିବେଶନ ଏବେ କାର୍ଯ୍ୟକାରୀ ହେଉନଥିବାରୁ ଏହି ନୂଆ ଅଧିନିୟମକୁ ଅଧାଦେଶ ଜାରିଆରେ ପ୍ରଣୟନ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ । ଗତ ବିଧାନସଭା ଅଧିବେଶନ ସମୟରେ ରାଜ୍ୟ ସରକାର ଓଡିଶା ଆପାର୍ଟମେଂଟ(ମାଲିକାନା ଓ ପରିଚାଳନା)-୨୦୨୩ ଅଧିନିୟମ ଆଣିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହାକୁ ପ୍ରତ୍ୟାହାର କରିନେବାରୁ ହଜାର ହଜାର ଘର କ୍ରେତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା । ଏହି ଅଧାଦେଶରେ ଆପାର୍ଟମେଂଟଗୁଡିକର ଉତ୍ତମ ପରିଚାଳନା ନିମନ୍ତେ ପ୍ରଚଳିତ ଆଇନର ବିଭିନ୍ନ ବ୍ୟବସ୍ଥାରେ ବିବିଧ ସଂଶୋଧନ ଓ ବିଭିନ୍ନ ଧାରାଗୁଡିକରେ ସଂଯୋଗ ଓ ପରିବର୍ତ୍ତନ ଅଣାଯାଇଛି । ଆପାର୍ଟମେଂଟ ଓ ସାମୂହିକ ଗୃହନିର୍ମାଣ ନିମନ୍ତେ ପ୍ରୋତ୍ସାହନ, ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ତା'ର ଉତ୍ତରାଧିକାରୀ ଓ ହସ୍ତାନ୍ତରଯୋଗ୍ୟ ଅଧିକାରକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପରିବର୍ତ୍ତିତ ଅଧିନିୟମରେ ବ୍ୟବସ୍ଥାରେ ରହିଛି । ଏହି ପରିବର୍ତ୍ତିତ ଅଧିନିୟମ ଆପାର୍ଟମେଂଟ ମାଲିକମାନଙ୍କର ସାଧାରଣ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଉପରେ ଅଧିକାର ପ୍ରଦାନ କରାଇବ ବୋଲି ଜଣାପଡିଛି ।

# ବାହାନଗା ଟ୍ରେନ୍ ଟ୍ରାଜେଡି: ରିଲେ ରୁମ୍ ଷ୍ଟାଫଙ୍କ ତ୍ରୁଟି ଦୁର୍ଘଟଣାର ବଡ କାରଣ !



ବାଲେଶ୍ୱର,୧ ।୭(ପି.ଏନ): ରିଲେ ରୁମରେ ତ୍ରୁଟି ପାଇଁ ଘଟିଥିଲା ବାହାନଗା ଟ୍ରେନ୍ ଟ୍ରାଜେଡି। ତଦନ୍ତ ପରେ କମିଶନ ଅଫ ରେଲୱେ ସେଫ୍ଟି ରେଳ ବିଭାଗରେ ଦାଖଲ କରିଥିବା ରିପୋର୍ଟରୁ ଏହା ଜଣା ପଡିଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବିଶେଷ କରି ସିଗନାଲିଂ ଓ ଟେଲି କମ୍ୟୁନିକେସନ୍ ବିଭାଗରେ ଷ୍ଟାଫଙ୍କ ତ୍ରୁଟି ଯୋଗୁଁ ଏତେବଡ ଦୁର୍ଘଟଣା ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ସିବିଆଇ ତଦନ୍ତ ଚାଲିଥିବାରୁ କାଳେ ଏହା ତଦନ୍ତକୁ ପ୍ରଭାବିତ କରିବ, ସେଥିପାଇଁ ରେଲୱେ ପକ୍ଷରୁ ରିପୋର୍ଟକୁ ସାର୍ବଜନୀନ କରାଯାଇ ନାହିଁ।

# ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ,୧ ।୭(ପି.ଏନ): ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବ। ଉଭୟ ଲୋକସଭା ଓ ରାଜ୍ୟସଭାର ଗୃହ କାର୍ଯ୍ୟ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ଯାଏ ଚାଲିବ। ଏନେଇ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଟ୍ୱିଟ କରି ସୂଚନା ଦେଇଛନ୍ତି। ଏଥିସହ ସେ ସବୁ ଦଳଗୁଡିକୁ ଗଠନମୂଳକ ଆଲୋଚନା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, "ସଂସଦର ମୌସୁମୀ ଅଧିବେଶ ଜୁଲାଇ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ଯାଏ ଚାଲିବ। ସମସ୍ତ ଦଳଗୁଡିକୁ ଅନୁରୋଧ ଯେ ସେମାନେ ଏହି ଅଧିବେଶନରେ ଗଠନମୂଳକ ଆଲୋଚନା କରିବେ। ବିଭିନ୍ନ ବିଲ୍ ଉପରେ ମଧ୍ୟ ସେମାନେ ଆଲୋଚନା କରନ୍ତୁ।" ୨୩ ଦିନ ଧରି ଚାଲିବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ୧୭ଟି କାର୍ଯ୍ୟ ଦିବସ ରହିବ।

## କମ୍ବିଂ ଅପରେସନ ବେଳେ ମାଓବାଦୀ କ୍ୟାମ୍ପ ଠାବ, ଛତ୍ରଭଙ୍ଗ ଦେଲେ ମାଓବାଦୀ

ଭୁବନେଶ୍ୱର, ୧ ।୭(ପି.ଏନ): ନୂଆପଡା ଜିଲ୍ଲାରେ ସୁରକ୍ଷାକର୍ମୀ ମାନଙ୍କ ଦ୍ୱାରା କମ୍ବିଂ ଅପରେସନ ବେଳେ ମାଓ କ୍ୟାମ୍ପ ଠାବ ହୋଇଛି । ଓଡ଼ିଶା ଛତିଶଗଡ଼ ସୀମାନ୍ତ ସିନାପାଲି ଥାନା ଝୋଲାପଡା ଗାଁ ନିକଟରେ ଏହି କ୍ୟାମ୍ପ ଠାବ ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ନୂଆପଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ସେଠାରୁ ବିପୁଳ ମାଓ ସାମଗ୍ରୀ ସହ ବିସ୍ଫୋରକ ଜବତ କରାଯାଇଛି । ଗ୍ରିନେଡ ସହ ୟୁନିଫର୍ମ , ମାଓ ପୁସ୍ତିକା ,ଔଷଧ, ଭଳି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ଏହି ଟିମ୍ ରେ ସିଆରପିଏଫ୍, ଡିଭିଏଫ, ଏସଓଜି ଜବାନ ମାନେ ସାମିଲ ଥିଲେ ।

# ବେଦାନ୍ତ ବିରୋଧିଙ୍କ ସଫଳତା ନୂଆ ରାଜନୀତିକୁ ଜନ୍ମଦେବ : ନିଳାଦ୍ରୀବିଜେରେ ଏକାଠି ହେଲେ ବୁଦ୍ଧିଜୀବୀ ଓ ରାଜନେତା



ପୁରୀ,୧ ।୭(ପି.ଏନ): କୋଣାର୍କ ବେଳାଭୂମିରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ନିମନ୍ତେ ୮ ହଜାର ଏକର କୃଷି ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅମୃତ ମଣୋହୀ ଜମି ଓ ସରକାରୀ ଜମି ଅଧିଗ୍ରହଣ ବେଆଇନ୍ ବୋଲି ସୁପ୍ରିମକୋର୍ଟ ରାୟ ପ୍ରଦାନ କରିବା ସହିତ ଓଡ଼ିଶା ସରକାରଙ୍କୁ ଭର୍ତ୍ସନା ଓ ବେଦାନ୍ତକୁ ୫ ଲକ୍ଷ ଟଙ୍କା ଫାଇନ୍ କରିଥିବା ଦୃଷ୍ଟିରୁ ତୁରନ୍ତ ସମସ୍ତ ଜମି ଏହାର ପ୍ରକୃତ ମାଲିକ ଚାଷୀମାନଙ୍କୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଓ ରାଜ୍ୟ ସରକାରଙ୍କୁ ଏକର ପ୍ରତି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ହିସାବରେ ପ୍ରଦାନ କରି ମାଲିକାନା ସତ୍ତ୍ୱ ଫେରାଇ ଦେବାକୁ ଭୁବନେଶ୍ୱରରେ ଶନିବାର ପୂର୍ବାହ୍ନରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ବିଶିଷ୍ଟ ବକ୍ତାମାନେ ଗୋଟିଏ ସ୍ୱରରେ ମତବ୍ୟକ୍ତ କରିଛନ୍ତି । ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତିର ଆବାହକ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ବିଶିଷ୍ଟ ଭାଷାବିତ୍ ବର୍ଷିୟାନ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସର୍ବୋଦୟ ନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି, ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବରିଷ୍ଠ ସାମ୍ବାଦିକ ରବି ଦାସ, ବରିଷ୍ଠ ରାଜନେତା ନିରଞ୍ଜନ ପଟ୍ଟନାୟକ, ବିଜୟ ମହାପାତ୍ର, ଭଜମନ ବେହେରା, ପଞ୍ଚାନନ କାନୁନ୍‌ଗୋ, ବିଧାୟକ ମହମ୍ମଦ ମୁକିମ୍, ଦେବୀପ୍ରସାଦ ପୃଷ୍ଟି, ରାମକୃଷ୍ଣ ପଣ୍ଡା, ସୁରେଶ ପାଣିଗ୍ରାହୀ, ଜଗନ୍ନାଥ ପଟ୍ଟନାୟକ, ପ୍ରତାପ ଶତପଥୀ, ନରେନ୍ଦ୍ର ମିଶ୍ର, ଶିବାନନ୍ଦ ରାୟ, ଦାମୋଦର ପ୍ରଧାନ, ବିଷ୍ଣୁପ୍ରସାଦ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ନିରଞ୍ଜନ ପଟ୍ଟନାୟକ ନିଜ ଭାଷଣରେ ସନ୍ଥକବି ଭୀମଭୋଇଙ୍କର "ମୋ ଜୀବନ ପଛେ ନର୍କେ ପଡ଼ିଥାଉ.." ଓ ଉତ୍କଳଗୌରବ ମଧୁସୂଦନଙ୍କର "ଜାତି ନନ୍ଦିଘୋଷ ଚଳିବ କି ଭାଇ..." ଉଦ୍ଧୃତ କରି ଆତ୍ମସ୍ୱାର୍ଥ ତ୍ୟାଗ କରି ଓଡ଼ିଶାବାସୀ ବିଶେଷକରି ଯୁବ, ଛାତ୍ର ଓ ମହିଳାମାନେ ଐକ୍ୟବଦ୍ଧ ଭାବେ କମ୍ପାନୀ ପକେଟରେ ଥିବା ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ବିରୁଦ୍ଧରେ ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ । ବେଦାନ୍ତ ଜମି ଲୁଟ୍ ମହାକେଳଙ୍କାରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସମୀର ଦେ ପ୍ରମୁଖ ସମପରିମାଣରେ ଦୋଷି ବୋଲି ସୁପ୍ରିମକୋର୍ଟଙ୍କ ରାୟରୁ ସ୍ପଷ୍ଟ ହୋଇଛି । ସାଧାରଣ ଲୋକଙ୍କର ଜମି ଧ୍ୱଂସ କରିବା ପରେ ସରକାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅମୃତ ମଣୋହୀ ଜମି ହଡ଼ପ କରିବା କେଳେଙ୍କାରୀରେ ସାମିଲ ହେବା ସମସ୍ତ ଓଡ଼ିଶାବାସୀ ଓ ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀଙ୍କ ପାଇଁ ଲଜ୍ଜା ଓ ଏକ ଆହ୍ୱାନ ବୋଲି ପ୍ରକାଶ କରିଥିଲେ । ବିଜୟ ମହାପାତ୍ର ତାଙ୍କ ଭାଷଣରେ ପବିତ୍ର ନିଳାଦ୍ରୀବିଜେ ତିଥିରେ ଭୁବନେଶ୍ୱରରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀ ଆଗାମୀ ଦିନର ରାଜନୀତି ପାଇଁ ନୂଆ ଦିଗ୍‌ଦର୍ଶନ ଦେବ ବୋଲି ପ୍ରକାଶ କରିଥିଲେ । ସୁପ୍ରିମକୋର୍ଟଙ୍କ ରାୟ ଐତିହାସିକ ବୋଲି ବର୍ଣ୍ଣନା କରି ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତିର ୧୭ ବର୍ଷର ନିରବଚ୍ଛିନ୍ନ ବେସାଲିସ୍ ଗଣଆନ୍ଦୋଳନର ସଫଳତା ଓ ବିଜୟ ଭବିଷ୍ୟତ ପୀଢି ପାଇଁ ଏକ ଐତିହାସିକ ଦସ୍ତାବିଜ୍ ହୋଇ ରହିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସମସ୍ତ ଜମି ମାଲିକଙ୍କ ପକ୍ଷରୁ ଜମି ମାଲିକାନା ସତ୍ତ୍ୱ ହସ୍ତାନ୍ତର ପାଇଁ ସରକାରଙ୍କୁ ତୁରନ୍ତ ଦାବିପତ୍ର ପ୍ରଦାନ କରାଯିବ ଏବଂ ଏଥିରେ ସମସ୍ତ ବର୍ଗର ବୁଦ୍ଧିଜୀବୀଙ୍କ ସମେତ ରାଜନୈତିକ ନେତୃବୃନ୍ଦ ସାମିଲ୍ ହେବାକୁ ଆହ୍ୱାନ ଦେଇଥିଲେ । ପ୍ରତିଟି ଓଡ଼ିଆ ପ୍ରାଣ ଓ ଜଗନ୍ନାଥପ୍ରେମୀର ଏହା ଆଗାମୀ ଦିନରେ ଅସ୍ମିତାର ଲଢେଇ ହେବ ବୋଲି ଘୋଷଣା କରିଥିଲେ । ସୁପ୍ରିମକୋର୍ଟଙ୍କ ରାୟରୁ ନବୀନ ସରକାରଙ୍କର ଛଳନାର ମୁଖା ଖୋଲିଯାଇଛି ବୋଲି ପ୍ରକାଶ କରିଥିଲେ । ସଭାପତି ଶ୍ରୀ ରଥ ନିଜ ଅଭିଭାଷଣରେ ୨୦୦୬ରେ ଜମି ଅଧିଗ୍ରହଣ ପାଇଁ ସରକାରଙ୍କର ରାଜସ୍ୱ ବିଭାଗର ବିଜ୍ଞାପନ ଓ ନୋଟିସ୍ ଠାରୁ ଆରମ୍ଭ କରି ବେଦାନ୍ତ କମ୍ପାନୀ ଗଠନ ସବୁକିଛି ଜାଲିଆତି ଓ ବେଆଇନ୍ କାର୍ଯ୍ୟାବଳୀର ବିଶ୍ୱର ସର୍ବବୃହତ ଜମି କେଳେଙ୍କାରୀର ଶ୍ରେଷ୍ଠ ପ୍ରମାଣପତ୍ର ବୋଲି ପ୍ରକାଶ କରିଥିଲେ । ସରକାରୀ କଳ ପ୍ରାୟୋଜିତ ପୋଲିସ୍‌ର ବର୍ବର ଲୀଳା ଓ ବେଦାନ୍ତ କମ୍ପାନୀର ପ୍ରାୟୋଜିତ ଗୁଣ୍ଡାମାନଙ୍କର ଆତଙ୍କରାଜ ପାଖରେ ବାଇଶି ମୌଜାର ଜନସାଧାରଣ ମୁଣ୍ଡ ନୁଆଁଇ ନଥିଲେ । ଚାଷୀନେତା ସ୍ୱର୍ଗୀୟ ବେଣୁଧର ପ୍ରଧାନଙ୍କର ବଳିଷ୍ଠ ନେତୃତ୍ୱରେ ବାଇଶି ମୌଜାର ଚାଷିକୁଳ ଏକାଠି ହୋଇ ନିଜ ଭିଟାମାଟି ଓ ଜମିର ସୁରକ୍ଷା ପାଇଁ ଦୀର୍ଘ ୧୭ବର୍ଷ କାଳ ସଂଗ୍ରାମ ଚଳାଇ ଶେଷରେ ବିଜୟୀ ହୋଇଛନ୍ତି । ବାଇଶି ମୌଜାର ଜନସାଧାରଣଙ୍କର ସଂଗ୍ରାମ ପଛରେ ସାରା ରାଜ୍ୟ ଓ ଦେଶର ବହୁ ବୁଦ୍ଧିଜୀବୀ ଓ ସଂଗଠନର ଅକୁଣ୍ଠ ସମର୍ଥନ ରହିଥିଲା । ସମସ୍ତଙ୍କୁ ଶ୍ରୀ ରଥ କୃତଜ୍ଞତା ଜଣାଇଥିଲେ । ଶ୍ରୀ ପ୍ରଫୁଲ୍ଲ ସାମନ୍ତରା ନିଜ ଭାଷଣରେ ସୁପ୍ରିମକୋର୍ଟଙ୍କର ଏହି ରାୟ କମ୍ପାନୀ ପ୍ରେମରେ ଉବୁଟୁବୁ ବିଭିନ୍ନ ସରକାରଙ୍କ ପ୍ରତି ଏକ ଚେତାବନୀ ବୋଲି ପ୍ରକାଶ କରିଥିଲେ । ପଞ୍ଚାନନ କାନୁନ୍‌ଗୋ ନିଜ ଭାଷଣରେ ବିଜେଡି ବିଜେପି ସରକାର ପ୍ରାୟୋଜିତ ବେଦାନ୍ତ ଜମି କେଳେଙ୍କାରୀ ବିଶ୍ୱର ସର୍ବବୃହତ୍ ଜମି ଦୁର୍ନୀତି ବୋଲି ପ୍ରକାଶ କରିଥିଲେ । ବିଧାୟକ ଶ୍ରୀ ମୁକିମ୍ ଜଗନ୍ନାଥଧାମ ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହୋଇଥିବା ଲଢେଇ ସାରା ରାଜ୍ୟକୁ ବ୍ୟାପିବ ଓ ଏଥିପାଇଁ ବୁଦ୍ଧିଜୀବୀ ସମ୍ମିଳନୀରେ ପ୍ରତ୍ୟେକେ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ଅନ୍ୟତମ ସଂଗଠକ ଦେବୀପ୍ରସାଦ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ ଓ ସଂଘର୍ଷ ସମିତି ପକ୍ଷରୁ ବିଷ୍ଣୁପ୍ରସାଦ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ । ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ସସ୍ମିତା ବେହେରା, ବିଜେପି ନେତ୍ରୀ ସୀମନ୍ତିନୀ ଜେନା, କୃଷକ ନେତା ଦିଲ୍ଲୀପ ସାହୁ, ଅଶୋକ ପ୍ରଧାନ, ନଳିନୀ ପତି, ଦେବରାୟ ମହାପାତ୍ର, ଚିତ୍ତରଂଜନ ମହାନ୍ତି, ସୁଧୀର ମହାନ୍ତି, ସୁଧୀର ପଟ୍ଟନାୟକ, ଜ୍ୟୋତି ମହାପାତ୍ର, ଅରୁଣ ଜେନା, ପ୍ରାକ୍ତନ ସାଂସଦ ରାମଚନ୍ଦ୍ର ହାଂସଦା, ନରେନ୍ଦ୍ର ମହାନ୍ତି, ରଙ୍ଗା ଚରଣ ପ୍ରଧାନ, ଜଗନ୍ନାଥ ଗବେଷକ ଅସୀତ ମହାନ୍ତି, ଅନୀଲ ଧୀର, ବିଜୟ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସମ୍ମିଳନୀରେ ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଓ ବିଶିଷ୍ଟ ଜନନେତ୍ରୀ ସୁଶ୍ରୀ ମେଧାପାଟକରଙ୍କର ଭାବଗର୍ଭକ ବାର୍ତ୍ତା ଓ ସମର୍ଥନ ସନ୍ଦେଶ ପାଠ କରାଯାଇଥିଲା । ଭବିଷ୍ୟତ କର୍ମପନ୍ଥା ପାଇଁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ରବି ଦାସ, ଶ୍ରୀମତୀ କୃଷ୍ଣା ମହାନ୍ତିଙ୍କର ମିଳିତ ଆବାହକତ୍ୱରେ ଏକ କମିଟି ସର୍ବସମ୍ମତି କ୍ରମେ ଗଠନ କରାଯାଇଥିଲା ।

## ପାକିସ୍ତାନରେ ବନ୍ଦୀ ଅଛନ୍ତି ୩୦୮ ଭାରତୀୟ, ଭାରତରେ ବନ୍ଦୀ ଅଛନ୍ତି ୪୧୭ ପାକିସ୍ତାନୀ

ନୂଆଦିଲ୍ଲୀ,୧ ।୭(ପି.ଏନ): ପାକିସ୍ତାନ ଜେଲ୍‌ରେ ବନ୍ଦୀ ଅଛନ୍ତି ୩୦୮ ଭାରତୀୟ। ଯାହା ଭିତରେ ୪୨ ଜଣ ସାଧାରଣ ବ୍ୟକ୍ତି ୨୬୬ ଜଣ ମତ୍ସ୍ୟଜୀବୀ ଅଛନ୍ତି। ଏହାର ଏକ ତାଲିକା ପାକିସ୍ତାନ ପକ୍ଷରୁ ଶନିବାର ଭାରତ ହାଇ କମିଶନଙ୍କୁ ପ୍ରଦାନ କରାଯାଇଛି। ଦ୍ୱିପାକ୍ଷୀକ ରାଜିନାମା ଅନ୍ତର୍ଗତ ପାକିସ୍ତାନ ଏହି ତାଲିକା ପ୍ରଦାନ କରିଛି। ବୈଦେଶୀକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭାରତରେ ବନ୍ଦି ଥିବା ପାକିସ୍ତାନୀଙ୍କ ତାଲିକା ମଧ୍ୟ ପାକିସ୍ତାନକୁ ଦିଆଯାଇଛି। ପାକିସ୍ତାନ ହାଇ କମିଶନଙ୍କୁ ଏହା ପ୍ରଦାନ କରାଯାଇଛି। ତାଲିକା ମୁତାବକ ଭାରତର ବିଭିନ୍ନ ଜେଲରେ ମୋଟ ୪୧୭ ଜଣ ପାକିସ୍ତାନୀ ଅଛନ୍ତି।

## ଭୀମ୍ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଉପରେ ଗୁଳିମାଡ ମାମଲା: ହରିଆଣାରୁ ୪ ଗିରଫ



ନୂଆଦିଲ୍ଲୀ,୧ ।୭(ପି.ଏନ): ଭୀମ୍ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଉପରେ ଗୁଳିମାଡ ମାମଲାରେ ୪ ଜଣଙ୍କୁ ଧରିଛି ଉତ୍ତରପ୍ରଦେଶ ପୁଲିସ। ଉତ୍ତରପ୍ରଦେଶ ସାହାରଣପୁରରେ ଚନ୍ଦ୍ରଶେଖରଙ୍କ ଉପରେ ଗତ ସପ୍ତାହରେ ଗୁଳିମାଡ ହୋଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ ହରିଆଣାର ଶହଜାଦ୍‌ପୁର ଅଞ୍ଚଳରୁ ଗିରଫ କରାଯାଇଛି।ସେମାନଙ୍କ ଭିତରୁ ୩ ଜଣ ପ୍ରଶାନ୍ତ, ବିକାଶ ଓ ଲଭିସ୍ ଉତ୍ତରପ୍ରଦେଶର ହୋଇଥିବା ବେଳେ ଅନ୍ୟଜଣକ ହରିଆଣାର ବିକାଶ ଗୋନ୍ଦର ନିଶିଂ ବୋଲି ଜଣାପଡିଛି। ତେବେ ପୁଲିସ ସେମାନଙ୍କ ଠାରୁ କୌଣସି ମାରଣାସ୍ତ୍ର ଜବତ କରିନି।








# ଟି ଟାଇମ୍



## ଜୋକ୍ସ

ଟିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଟିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

## କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪


ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୨




# ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ମହେଶ୍ୱର....

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି, କାରଣ ଗୁରୁ ହିଁ ଭଗବାନଙ୍କର ସାକାର ମୂର୍ତ୍ତି ଓ ସେ ଅଖଣ୍ଡ। ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନ ଓ ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ବାଟ ମଧ୍ୟ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି – 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ, ଆଷାଢ଼ ଶୁକ୍ଳ ପକ୍ଷେଷୁ ପୂର୍ଣ୍ଣିମାଂ ଗୁରୌ ତଥା, ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣଧେନୁଭିଃ, କୃତେ ଦ୍ୱିୟା ବିପ୍ର ମସ୍ୱରୂପସ୍ୟ ଦର୍ଶନମ୍' ଅର୍ଥାତ୍ – ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କୁ ସୁନ୍ଦର ବସ୍ତ୍ର, ଆଭୂଷଣ, ଫଳ ପୁଷ୍ପ, ରତ୍ନ ଓ ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୁରୁ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି 'ବିପାକ ପଥରେ ହାତ ଧରି ଯିଏ ଚାଲିବା କୌଶଳ ଶିଖାଇ ଦିଅନ୍ତି, ତାଙ୍କୁ ହିଁ ଜାଣିବ ଗୁରୁବୋଲି ଅଭୟ ପଥରେ ସେ ହିଁ ନିଅନ୍ତି ।' ଗୁରୁଙ୍କ ପାଖରେ ସୃଷ୍ଟିସ୍ଥିତି ଓ ପ୍ରଳୟର ସମସ୍ତ କୌଶଳ ଓ ଜ୍ୟୋତି ସନ୍ନିବେଶ ହୋଇ ରହିଛି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି 'ଯୁଗପୁରୁଷ ଆର୍ବିଭାବେ ଦେବଶକ୍ତି ସିଦ୍ଧଶକ୍ତି, ଅତି ଦୈହିକସମାହାରେ ତାଙ୍କଠି ପୂରଣ ଅଭିବ୍ୟକ୍ତି, ଯେତେକ ତନ୍ତ୍ର ବ୍ରାହ୍ମୀ ମନ୍ତ୍ର, ସାର୍ଥକତାର ଲଭେ ଯନ୍ତ୍ର, ଯବକାଚରେ ସୂର୍ଯ୍ୟ ରଶ୍ମୀ ଯେଭଳି ସ୍ୱଭାବ ସଂହତି ।' ପୁରାଣରେ ପୁଣି ବର୍ଣ୍ଣିତ ଅଛି 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ – ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରବ୍ରହ୍ମ ଅଟନ୍ତି । ଏହି ଗୁରୁଙ୍କ ମୁଁ ସହସ୍ରବାର ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ପରମାତ୍ମା ରହିଛନ୍ତି ତାଙ୍କୁ ପୂଜା ସମ୍ଭାଷଣ ଓ ପ୍ରଣାମ କରିବା ହିଁ ଗୁରୁଙ୍କୁ ପୂଜା କରିବା। ଗୁରୁଙ୍କ ନିକଟରେ ଶିଷ୍ୟର ସମସ୍ତ କଷ୍ଟ ଦୂର କରିବାର କ୍ଷମତା ରହିଛି । ଏପରିକି ଜଣେ ଗୁରୁ ଚାହିଁଲେ ଶିଷ୍ୟକୁ ନିଜ ଠାରୁ ଶ୍ରେଷ୍ଠ ବ୍ୟକ୍ତିରେ ମଧ୍ୟ ପରିଣତ କରିଦେଇପାରିବେ । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କୁ ପରମାତ୍ମାଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି । କୁହାଯାଇଛି – 'ଧ୍ୟାନଂମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ, ମୋକ୍ଷଂମୂଳ ଗୁରୁକୃପା'। ପ୍ରଥମଗୁରୁ ତଥା ଆଦି ଗୁରୁ ହେଉଛନ୍ତି ସ୍ୱୟଂ ଭଗବାନ ଶିବ । ସେ ଶକ୍ତି ଆକାରରେ ସମସ୍ତ ବିଦ୍ୟମାନ ସ୍ୱରୂପର ବିଘଟନ ଏବଂ ପରିବର୍ତ୍ତନ ପାଇଁ ଉତ୍ତରଦାୟୀ । ଜଣେ ସାଧକ ପାଇଁ ଗୁରୁ ଭଗବାନଙ୍କ ସ୍ୱରୂପ । ଗୁରୁଙ୍କ ଶକ୍ତିର କୌଣସି ସୀମା ନାହିଁ । ଏହି ଶକ୍ତି ଅନନ୍ତ ତଥା ଅଖଣ୍ଡ । ଗୁରୁ କହିଥିବା ବାଣୀକୁ ଶିଷ୍ୟ ବୁଝିବା ଉଚିତ ।

ଶ୍ରୀମଦ୍ ଭଗବତଗୀତା, ଭଗବତପୁରାଣ, ସମସ୍ତ ପୁରାଣ ତଥା ଉପପୁରାଣ ଆଦି ସକଳ ଶାସ୍ତ୍ରର ରଚୟିତା ହୋଇ ଯିଏକି ମାନବ ଜାତିର ଜ୍ଞାନର ଭଣ୍ଡାର ସୃଷ୍ଟି କରିଯାଇଛନ୍ତି ତାଙ୍କର ଜନ୍ମତିଥିକୁ ଆମେ ଗୁରୁପୂର୍ଣ୍ଣିମା ଭାବେ ପାଳନ କରିଆସୁଛୁ। ସମସ୍ତ ପୂର୍ଣ୍ଣିମା ମଧ୍ୟରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି କାରଣ ପରମାତ୍ମଜ୍ଞାନ, ପରମାତ୍ମ ଧ୍ୟାନ ଓ ପରମାତ୍ମ ଜ୍ଞାନ ପ୍ରାପ୍ତି ଅସମ୍ଭବ, ଏକମାତ୍ର ସତ୍ଜ୍ଞାନ ହିଁ ପରମାର୍ଥିକ ଜୀବନରେ ଏକାନ୍ତ କାମ୍ୟ। ଗୁରୁପଦ ବନ୍ଦନା, ସ୍ମରଣ ତଥା ଧ୍ୟାନ ବଳରେ ଜ୍ଞାନନେତ୍ର ଉନ୍ମୀଳିତ ହୁଏ, ସଂସାରରୂପୀ ରାତ୍ରିର ସର୍ବକଳୁଷ ଅପନୋଦନ ହୋଇଯାଏ। ଆଦିଗୁରୁ ବ୍ୟାସଦେବ ଅଗାଧ ଜ୍ଞାନର ଭଣ୍ଡାର ଥିଲେ। ଏହା ନିଃସନ୍ଦେହ ଯେ ମହର୍ଷି ବେଦବ୍ୟାସକୃତ ଶାସ୍ତ୍ର ପଠନ ଶ୍ରବଣ ବିନା ଭାରତରେ ଅବା ବିଶ୍ୱରେ କୌଣସି ଆଧାତ୍ମିକ ଉପଦେଶ ବର୍ଣ୍ଣି ପାରିନାହାଁନ୍ତି। ଅତଃ ଯେଉଁ ମହାତ୍ମା କଠୋର ସାଧନ କରି ଆମ ପାଇଁ ଏତେସବୁ ସାଧବସ୍ତୁ ରଖିଯାଇଛନ୍ତି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି, କୃତଜ୍ଞତା ଜ୍ଞାପନ, ଋଷି ଋଣ ପରିଶୋଧ ସର୍ବୋପରି ଋଷିଙ୍କର ପ୍ରେରଣା ଓ ଆଶୀର୍ବାଦ ପ୍ରାପ୍ତି ନିମିତ୍ତ ଏହି ବ୍ୟାସପୂର୍ଣ୍ଣିମା ପାଳନୀୟ। ପ୍ରାଚୀନ କାଳରେ ମୁନିଋଷିମାନେ କହିଯାଇଛନ୍ତି, ଗୁରୁଙ୍କ ଛବି ହେଉଛି ସେହି ମୂଳତତ୍ତ୍ୱ ଯେଉଁଥିରୁ ଧ୍ୟାନ ଆସିଥାଏ । ସାଧକ ଦ୍ୱାରା କରାଯାଇଥିବା ପୂଜା ଅଥବା କୌଣସି ପ୍ରକାର ତପ ଗୁରୁଙ୍କ ଚରଣ କମଳରୁ ଆସିଥାଏ । ମନ୍ତ୍ରର ମୂଳ ଗୁରୁଙ୍କ ବଚନରୁ ଉଦ୍ଧୃତ ହୋଇଥାଏ ଏବଂ ଗୁରୁଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ । ଗୁରୁଙ୍କ ଶକ୍ତିକୁ ଅନୁଭବ କରିବାକୁ ହେଲେ ନିଜ ସୀମିତ ଇନ୍ଦ୍ରିୟଗୁଡ଼ିକର ଅହଙ୍କାରୀ ଅନୁଭବ ଠାରୁ ଉର୍ଦ୍ଧ୍ୱକୁ ଉଠିବାକୁ ହେବ । ସୀମିତ ମସ୍ତିଷ୍କରେ ଗୁରୁଙ୍କ ଅସୀମ ଶକ୍ତିକୁ ବୁଝିବା ଅସମ୍ଭବ ।


*ସହ-ପ୍ରତିରଦ୍ଧିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*


# କାଳଜୟୀ କଥାକାର କାଳିନ୍ଦୀ ଚରଣ ପାଣିଗ୍ରାହୀ

ବାଦଲ ଭୂୟାଁ

ଓଡ଼ିଆ ସାହିତ୍ୟ ଆକାଶରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏକ ଚିର ଜାଜ୍ୱଲ୍ୟମାନ ତାରକା। ତାଙ୍କ ସୃଷ୍ଟି ଦ୍ୱାରା ସାହିତ୍ୟର ସମସ୍ତ ବିଭାଗ ପରିପୁଷ୍ଟ ହୋଇଥିଲେ ହେଁ କଥା ସାହିତ୍ୟ କ୍ଷେତ୍ରରେ କାଳିନ୍ଦୀ ଚରଣଙ୍କ ସୃଜନ ପ୍ରତିଭା ଅତୁଳନୀୟ। କାଳିନ୍ଦୀ ଚରଣଙ୍କ ମାଟିର ମଣିଷ ଏକ ସର୍ବକାଳୀନ ଯୁଗାନ୍ତକାରୀ ଉପନ୍ୟାସ। ଡେଲାଙ୍ଗରେ ସେ ନିଜେ ଶୁଣିଥିବା କଥା ଉପରେ ତାହା ଆଧାରିତ ମୁଦ୍ରଣ ପରେ ମାଟିର ମଣିଷ ପଢ଼ି ନବକୃଷ୍ଣ ଚୌଧୁରୀ କାନ୍ଦିଥିଲେ। ଚରିତ୍ରଗୁଡ଼ିକ କେତେ ବାସ୍ତବ ଓ ଜୀବନ୍ତ, ତାହା ଏଥିରୁ ସ୍ପଷ୍ଟ ଅନୁମେୟ। ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ ସହିତ ମାଟିର ମଣିଷକୁ ତୁଳନା କରାଯାଏ। ମୁକ୍ତାଗଡ଼ର କ୍ଷୁଧା, ଅମର ଚିତା, ଲୁହାର ମଣିଷ, ଆଜିର ମଣିଷ ଆଦି ତାଙ୍କର ଅନ୍ୟ କାଳଜୟୀ ଉପନ୍ୟାସ। କାଳିନ୍ଦୀଚରଣ ଥିଲେ ସବୁଜ ଯୁଗର ଅନ୍ୟତମ ପ୍ରତିଷ୍ଠାତା। ରେଭେନ୍ସା କଲେଜରେ ପଢୁଥିବା ବେଳେ ଅନ୍ୟ ତିନି ବନ୍ଧୁ ଅନ୍ନଦା ଶଙ୍କର ରାୟ, ଶରତ ଚନ୍ଦ୍ର ଓ ବୈକୁଣ୍ଠନାଥଙ୍କ ସହ ମିଶି ଗଢ଼ିଥିଲେ ନନ୍‌ସେନ୍ସ କ୍ଲବ ଓ ଅନର୍ଥ ଆଡ଼ା। ଛାତ୍ର ଅବସ୍ଥାରେ ରବୀନ୍ଦ୍ର ନାଥ ଟାଗୋରଙ୍କ ସାହିତ୍ୟ ତାଙ୍କୁ ଆକୃଷ୍ଟ କରିଥିଲା। ପନ୍ଦର ବର୍ଷ ବୟସରେ ଲେଖିଥିଲେ କବିତା ଅଶାନ୍ତି। କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କ ଉପରେ ଏକ ତୁଳନାତ୍ମକ ପ୍ରବନ୍ଧ ଲେଖିଥିଲେ। ତାହା ଉତ୍କଳ ସାହିତ୍ୟରେ



ବାଦଲ ଭୂୟାଁ

ପ୍ରକାଶିତ ହୋଇଥିଲା ଏବଂ ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଦ୍ୱାଦଶୀ, ରାଶିଫଳ, ଶେଷ ରଶ୍ମି, ସାଗରିକା, ମୋ କଥାଟି ସରିନାହିଁ, ତାଙ୍କର ଲୋକପ୍ରିୟ ଗଳ୍ପ ସଂକଳନ। କାଳିନ୍ଦୀ ଚରଣଙ୍କ କିଛି କବିତାରେ ସାମ୍ୟବାଦର ସ୍ୱର ପ୍ରତିଧ୍ୱନିତ। ସେ ଜଣେ ମାନବବାଦୀ, ପ୍ରଗତିଶୀଳ ଓ ଦିଗଦ୍ରଷ୍ଟା ସାହିତ୍ୟିକ ଥିଲେ। ଓଡ଼ିଆ ସାହିତ୍ୟର ଏହି କାଳଜୟୀ କଥାକାର ୧୯୦୧ ଜୁଲାଇ ଆଜିର ଦିନରେ ପୁରୀ ଜିଲ୍ଲା ଅନ୍ତର୍ଗତ ବିଶ୍ୱନାଥପୁରରେ ଜନ୍ମ ହୋଇଥିଲେ।


*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*


# ଜଙ୍ଗଲ ସୁରକ୍ଷା-ଜୀବନ ରକ୍ଷା

ଇଶ୍ୱର ଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ ,ଉଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମଂ ର କାକର , ଶୀତର ଶୀତଳତା ଓ ରିତୁରାଜ ବସଂ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗଂବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର



ଅକ୍ଷୟ କୁମାର ରାଉତ

ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥୁଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛଂ । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛଂ । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମ୍ବୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ଚୂତ ,ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ରୁଧି ମଂ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଂ । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟଂ ବନ ମହୋତ୍ସବ ପାଳନ କରି ଆସୁଛଂ । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରଂ । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରଂ ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗକାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିଂ ବର୍ତମାନ ପରିବେଷ ଅସଂଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମତେ ଅନେକ ପଦକ୍ଷେପ ହାତକୁ ନେଇଛଂ । ବୃକ୍ଷଲତା ମାନଙ୍କ ର ଉଚ୍ଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜଂ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା


*ପାରାଦ୍ୱୀପ ଗଡ଼ , କୁଜଙ୍ଗ, ଜଗତସିଂହପୁର,*
*ମୋ-୯୯୩୭୬୯୧୪୭୫*


# କ୍ରୀଡ଼ା ସମ୍ବାଦ ଦାତାଙ୍କ ପାଇଁ ଦୁଇପଦ ପ୍ରେରଣା.....

ବିଶ୍ୱରେ ହଜାର ହଜାର ପ୍ରକାର କ୍ରୀଡ଼ା ରହିଛି। ପ୍ରତି ଘଣ୍ଟାରେ କିଛି ନା କିଛି ଆଶ୍ଚର୍ଯ୍ୟଜନକ କ୍ରୀଡ଼ା ବିଷୟରେ ମଧ୍ୟ ଶୁଣିବାକୁ ମିଳୁଛି। ସାମ୍ବାଦିକ ମାନଙ୍କ ସମୟନିଷ୍ଠତା, ନିରପେକ୍ଷତା ଓ ପ୍ରତିଭା ପାଇଁ ବିଶ୍ୱର ଅଗଣିତ କ୍ରୀଡ଼ା ପ୍ରଶଂସକ କ୍ରୀଡ଼ା ସମ୍ପର୍କିତ ସୂଚନା ପାଇପାରୁଛନ୍ତି। ନିଜର ପସନ୍ଦ ଓ ମତ ଉପସ୍ଥାପନ କରିବାର ସୁଯୋଗ ବି ସେମାନଙ୍କୁ ମିଳୁଛି। ତେଣୁ କ୍ରୀଡ଼ା ପ୍ରୋତ୍ସାହନରେ କ୍ରୀଡ଼ା ସାମ୍ବାଦିକମାନଙ୍କ ଅବଦାନକୁ ଗୁରୁତ୍ୱ ଦେବା ପାଇଁ ପ୍ରତିବର୍ଷ ଜୁଲାଇ ୨ରେ ପାଳନ କରାଯାଏ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସ। ୧୯୨୪ ମସିହା ଆଜିର ଦିନ ପ୍ୟାରିସ୍ ଠାରେ ଅଲିମ୍ପିକ୍ସ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ପ୍ରତିଷ୍ଠା ହୋଇଥିଲା ଇଣ୍ଟରନ୍ୟାସନାଲ ସ୍ପୋର୍ଟସ ପ୍ରେସ ଆସୋସିଏସନ। ସେଥିପାଇଁ ଏହି ଦିନକୁ ଏକ ସରକାରୀ ଦିବସ ଭାବେ ପାଳନ କରାଯାଏ। କ୍ରୀଡ଼ା ସାମ୍ବାଦିକତା ଆଜି ପ୍ରତ୍ୟେକ ମିଡ଼ିଆ ସଂସ୍ଥା ପାଇଁ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। କ୍ରୀଡ଼ା କ୍ଷେତ୍ରରେ ଅନେକ ପ୍ରତିଭାବାନ ବଣମଲ୍ଲୀ ପରି କ୍ରୀଡ଼ାବିତମାନେ ଲୋକଲୋଚନର ଉହାଡ଼ରେ ରହି ଯାଉଛନ୍ତି। ବଡ଼ ଖୁସିର କଥା କ୍ରୀଡ଼ା ସମ୍ବାଦଦାତାମାନେ ଏ କ୍ଷେତ୍ରକୁ ଅତ୍ୟନ୍ତ ପ୍ରାଥମିକ ଓ ଗୁରୁତ୍ୱ ପ୍ରଦାନ କରି ଅନେକ କଷ୍ଟ ସ୍ୱୀକାର ପୂର୍ବକ ସେହି କ୍ରୀଡ଼ା ପ୍ରତିଭାବାନ ମାନଙ୍କ ବିଷୟରେ ସମାଜକୁ ଜଣାଇବା ପରେ ସେମାନେ ସମର୍ଥନ, ପ୍ରେରଣା, ପୃଷ୍ଠପୋଷକତା ପାଉଛନ୍ତି। ଏ କ୍ଷେତ୍ରରେ ସରକାରଙ୍କ ସହ ବେସରକାରୀ



ଗୋପୀନାଥ ଦାଶ

ସଂଗଠନ ଓ କ୍ରୀଡ଼ାକୁ ଭଲ ପାଉଥିବା ବ୍ୟକ୍ତିବିଶେଷ ଏପରିକି ଅନୁଷ୍ଠାନମାନେ ସହଯୋଗର ହାତ ବଢ଼ାଉଛନ୍ତି। କ୍ରୀଡ଼ା କ୍ଷେତ୍ର ଆଜିର ସମୟରେ ପିଲାମାନଙ୍କ ବ୍ୟବହାରିକ ଗୁଣକୁ ପରିବର୍ତ୍ତନ କରିବା ସହ ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ କ୍ରୀଡ଼ା ସୃଜନଶୀଳତା ବାହାରକୁ ଆସି ପାରୁଛି। କ୍ରୀଡ଼ା ସମ୍ବାଦ ସଂଗ୍ରହ କଲାବେଳେ ସମ୍ବାଦ ଦାତାମାନେ ଅନେକ କଷ୍ଟଲବ୍ଧ ଘଟଣା ଓ ସମୟକୁ ସାମ୍ନା କରିଥାନ୍ତି। ପ୍ରତିକୂଳତା ଭିତରେ ଯେଉଁ ସୁନ୍ଦର କ୍ରୀଡ଼ା ସମ୍ବାଦଟି ସମଗ୍ର ବିଶ୍ୱକୁ ଚମକାଇ ଦେଇଥାଏ ତା ପଛର ସ୍ରଷ୍ଟା ମାନଙ୍କୁ ଆଜିର ଦିବସରେ ଗଭୀର ସମ୍ମାନ ପୂର୍ବକ ଅଭିନନ୍ଦନ ଓ ପ୍ରଣାମ ଜଣାଉଛୁ।


କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭


# ସନାତନ ଧର୍ମ ଓ ଆଧ୍ୟାତ୍ମିକ ସତ୍ୟ

ମନୁଷ୍ୟ ପାଇଁ ଅତ୍ୟନ୍ତ ହିତକର ଆଧ୍ୟାତ୍ମିକ ସାଧନାର ମାର୍ଗ ପ୍ରାଚୀନ ଭାରତର ମହାନ୍ ଗ୍ରନ୍ଥମାନଙ୍କରେ ସରଳ ଓ ମଧୁର ଭାବରେ ନିର୍ଦ୍ଧାରିତ ହୋଇଛି। ସେଗୁଡ଼ିକ ଏହି ବିଶ୍ୱରେ ଅନ୍ତର୍ନିହିତ ଦିବ୍ୟ ତତ୍ତ୍ୱକୁ ଆଦର୍ଶ ଓ ଉପଦେଶ ମାଧ୍ୟମରେ ବୁଝାନ୍ତି ଏବଂ ଭଗବାନଙ୍କ କୃତି ଓ ତାଙ୍କର ଅପରିମେୟ ଲୀଳାକୁ ଭୀତି ଓ ଶ୍ରଦ୍ଧାର ସହିତ ଚାହିଁବା ପାଇଁ ମାନବ ଜାତିକୁ ପ୍ରେରଣା ଦିଅନ୍ତି। ସେଗୁଡ଼ିକ ମନୁଷ୍ୟକୁ ସାଧୁମାନଙ୍କର ସୁଖ ସଙ୍ଗତିରେ ତ୍ୟାଗର ତୀର୍ଥଯାତ୍ରାରେ ଅଗ୍ରସର ହେବା ପାଇଁ ପ୍ରେରଣା ଦିଅନ୍ତି ଯଦ୍ୱାରା ଶରୀର ନଷ୍ଟ ହେବା ପୂର୍ବରୁ ନିତ୍ୟର ଦର୍ଶନ ଲାଭ କରିବାକୁ ହେବ ଓ ଚିରଦିନ ପାଇଁ ହୃଦୟରେ ମୁଦ୍ରିତ କରିହେବ। ତତ୍ (ତାହା) ଶବ୍ଦଟି ଏକ ଦୂରସ୍ଥ ବସ୍ତୁକୁ ସୂଚିତ କରେ। ଅର୍ଥାତ୍ ତୁମେ କୌଣସି ଦୂରସ୍ଥ ବସ୍ତୁକୁ ଦେଖାଉଛ। ତ୍ୱମ୍ ହେଲା ତୁମେ। ଏହା ତୁମ ନିଜର ନିକଟତମ। ତୁମେ ନିଜକୁ ସବୁଠାରୁ ବେଶି ଜାଣ; ବର୍ତ୍ତମାନ ତୁମକୁ ଯାହା ଜାଣିବାକୁ ହେବ ତାହା ହେଲା 'ତୁମେ' ଓ 'ତାହା' ଏକ। କେବଳ ଏକ ଅଛି, ଦୁଇ ନାହିଁ। ଏହାକୁ 'ବୁଦ୍ଧିଗ୍ରାହ୍ୟଂ ଅତୀନ୍ଦ୍ରିୟମ୍'; ବୋଲି କୁହାଯାଇଛି ବୁଦ୍ଧି ଦ୍ୱାରା ବୁଝି ହେବ, ସ୍ପର୍ଶ, ଶ୍ରୋତ୍ର, ଦର୍ଶନ, ସ୍ୱାଦ ଓ ଘ୍ରାଣ ଆଦି ଇନ୍ଦ୍ରିୟ ମାନଙ୍କ ଦ୍ୱାରା ନୁହେଁ। ଶ୍ରୀ ଭେଙ୍କଟେଶ୍ୱରଙ୍କୁ ସପ୍ତଗିରିର ପ୍ରଭୁ ବୋଲି କୁହାଯାଏ। ତାଙ୍କ ମନ୍ଦିର ସପ୍ତମ ଗିରିରେ ଅଛି ଏବଂ ତାଙ୍କ ପାଖରେ ପହଞ୍ଚିବା ପାଇଁ 'ଛ'ଟି ଗିରି ଅତିକ୍ରମ କରିବାକୁ ହେବ। ଏହା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ – ଷଡ଼ରିପୁର ପ୍ରତୀକ। ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ପୂର୍ବରୁ ଏହି ରିପୁମାନଙ୍କୁ ଅତିକ୍ରମ କରି ସେଗୁଡ଼ିକୁ ପଛରେ ଛାଡ଼ିଯିବାକୁ ହେବ। ଭକ୍ତିର ପୋଷାକ ଓ ବଚନ ସହିତ କିଛି ସମ୍ପର୍କ ନାହିଁ। କେବଳ ପୋଷାକ ଓ ଧର୍ମପରାୟଣତାର ଅଭିବ୍ୟକ୍ତିକୁ ଆଧାର କରି ଆମେ ଜଣେ ଲୋକକୁ 'ଭଗବାନଙ୍କର ଭକ୍ତ' ବୋଲି କହିପାରିବା ନାହିଁ। ଭକ୍ତି ବାହ୍ୟ ବ୍ୟବହାର ବା ଆଚରଣ ଅପେକ୍ଷା ଆନ୍ତରିକ ଚୈତନ୍ୟ, ଭାବନାର ବିଷୟ ଅଟେ। ଯେଉଁଠାରେ ଧୂଆଁ ଥାଏ, ସେଠାରେ ନିଆଁ ଥିବ ବୋଲି ଆମେ ଅନୁମାନ କରୁ। କିନ୍ତୁ କେତେକ ପ୍ରକାର ନିଆଁ ଅଛି ଯେଉଁଥିରୁ ଧୂଆଁ ବାହାରେ ନାହିଁ। ଯଦିଓ ଏପରି ଧୂଆଁ ନାହିଁ, ଯାହା ନିଆଁରୁ ନ ବାହାରେ। ଭାବନା ବିନା କାର୍ଯ୍ୟ କରାଯିବାର ସମ୍ଭାବନା ଅଛି; କିନ୍ତୁ ସବୁ ଭାବ ବାହ୍ୟ ପ୍ରଦର୍ଶନ ଦ୍ୱାରା ନିଶ୍ଚୟ ପ୍ରକଟ ହେବ ବୋଲି ତୁମେ କହିପାରିବ ନାହିଁ। ଏପରିକି ଜାକଜମକ ଓ ବାହ୍ୟ ପ୍ରଦର୍ଶନ ବିନା ଆନ୍ତରିକ ଭାବ ରହିବା ସମ୍ଭବ। ଶୁଦ୍ଧ ଭାବନା ହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯଦି ଜଣେ ପ୍ରକୃତରେ ପ୍ରଗତି ପାଇଁ ଅଭିଳାଷ କରୁଥାଏ ତେବେ କେବଳ ଜାକଜମକପୂର୍ଣ୍ଣ ବାହ୍ୟ କାର୍ଯ୍ୟକଳାପ ପ୍ରଗତି ପାଇଁ ହାନିକାରକ ଅଟେ। ବେଦମାନଙ୍କରେ ସମଗ୍ର ବିଶ୍ୱକୁ ବିଷ୍ଣୁଙ୍କ ଶରୀର ଭାବରେ ଚିତ୍ରିତ କରାଯାଇଛି। ଆଉ ଭାରତ ହେଉଛି ବିଶ୍ୱର ଆଖି, କାରଣ ସମୟ ପ୍ରସଙ୍ଗରେ ତାର ବିଶ୍ୱ ଦୃଷ୍ଟି ସବୁଠାରୁ ଠିକ୍। ପୁଅ ପରିବାରର ସମ୍ମାନ ରକ୍ଷା କରୁ ବୋଲି ମାତା ଚାହାନ୍ତି; ପୁଅ ମାତା ଓ ପିତାଙ୍କର ସୁନାମ ରକ୍ଷା କରିବା ଉଚିତ। ତେଣୁ ପ୍ରତ୍ୟେକ ଭାରତୀୟକୁ ଏହି ଦେଶର ଋଷିମାନେ ଅନ୍ୱେଷଣ ଓ ଆବିଷ୍କାର କରିଥିବା ଆଧ୍ୟାତ୍ମିକ ବିଜ୍ଞାନର ଶିକ୍ଷା ଓ ଅନୁଶୀଳନ କରିବାକୁ ହେବ। କିନ୍ତୁ ବିରୋଧୀ ଶକ୍ତି, ଅସତ୍



ସୁରେନ୍ଦ୍ରନାଥ ଭୂୟାଁ

ସଙ୍ଗ, ଅଜ୍ଞ ପ୍ରଲୋଭନ ଯୋଗୁଁ ଭାରତୀୟମାନେ ଏହି ପ୍ରଧାନ କର୍ତ୍ତବ୍ୟରେ ଅବହେଳା କରିଛନ୍ତି। ସଂକ୍ରମଣ ଆସିଛି, ଏହା ଶରୀରରେ ସ୍ଥିର ହୋଇଯାଇଛି। ବର୍ତ୍ତମାନ ଏହାକୁ ବହିଷ୍କାର କରିବାକୁ ହେବ। ହିନ୍ଦୁ ଶବ୍ଦର ଅର୍ଥ ଯେଉଁମାନେ ହିଂସା ମାର୍ଗରୁ, ଅନ୍ୟମାନଙ୍କର କ୍ଷତି କରିବାରୁ ଦୂରରେ ରହନ୍ତି : ହିଂ (ହିଂସା), ଦୂ (ଦୂର)। ଭାରତରେ ଏତେ ମହାନ୍ ଭାବରେ ଆଦୃତ ଅଷ୍ଟାଦଶ ପୁରାଣର ସାରମର୍ମ ଶାସ୍ତ୍ରରେ କୁହାଯାଇଛି – 'ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍।' ଏହି ମାର୍ଗରେ ସ୍ଥିର ରହିଲେ ତୁମେ ସବୁ ଧର୍ମ ଓ ମତବାଦକୁ ଆତ୍ମୀୟସ୍ୱଜନ ଭାବରେ ସ୍ୱାଗତ କରିବ; ସବୁଧର୍ମ ମନୁଷ୍ୟକୁ ଏହି ମାର୍ଗରେ ପ୍ରଶିକ୍ଷିତ କରିବାକୁ ପ୍ରୟାସ କରନ୍ତି। ମୁସଲମାନ, ଖ୍ରୀଷ୍ଟିଆନ୍, ବୌଦ୍ଧ, ଇହୁଦୀ, ପାର୍ଶୀ, ସମସ୍ତେ ସତ୍କର୍ମ ଦ୍ୱାରା ଚିତ୍ତଶୁଦ୍ଧି ବଳରେ ସେହି ଜ୍ଞାନ ଲାଭ କରିବାକୁ ଆକାଂକ୍ଷା କରନ୍ତି। ଏସବୁର ବୀଜ ବେଦାନ୍ତର ସନାତନ ଧର୍ମରେ ଅଛି।


**ପୂର୍ବତନ ଆବାହକ, ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୪୩୯୮୮୪୭୮୫**


# କାଳିନ୍ଦୀ ଚରଣ ପାଣିଗ୍ରାହୀ

ଜଣେ ଖ୍ୟାତନାମା ଓଡ଼ିଆ କବି ଓ ଔପନ୍ୟାସିକ ହେଉଛନ୍ତି କାଳିନ୍ଦୀ ଚରଣ ପାଣିଗ୍ରାହୀ। ୧୯୦୧ ମସିହା ଜୁଲାଇ ୨ ତାରିଖରେ ପୁରୀ ଜିଲ୍ଲା ବିଶ୍ୱନାଥପୁରରେ ତାଙ୍କ ଜନ୍ମ। ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ପେସାରେ ଜଣେ ଓକିଲ ଥିଲେ ମଧ୍ୟ ସାହିତ୍ୟ ରଚନା ଥିଲା ନିଶା। କାଳିନ୍ଦୀଙ୍କ ଦୁଇ ଭାଇ ମଧ୍ୟ ସାହିତ୍ୟିକ ଥିଲେ। ସେମାନଙ୍କ ଠାରୁ ଅନୁପ୍ରାଣିତ ହୋଇ କାଳିନ୍ଦୀ ସାହିତ୍ୟ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ହିଁ ତାଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଥିଲା। କଲେଜ ପଢ଼ିବା ବେଳେ ସେ ନନ୍‌ସେନ୍ସ କ୍ଲବ ଗଠନ କରିଥିଲେ। ଏହି ଦଳରେ ଥିବା ନଅ ଜଣ ଲେଖକ ଲେଖିକା ଉତ୍କଳ ସାହିତ୍ୟ ପତ୍ରିକାରେ ବାସନ୍ତୀ ନାମକ ଏକ ଉପନ୍ୟାସ ଧାରାବାହିକ ଭାବେ ପ୍ରକାଶ କରୁଥିଲେ। ପରେ ସେ ଏକ ଇଂରାଜୀ ପତ୍ରିକାରେ ସମ୍ପାଦକ ଦାୟିତ୍ୱ ତୁଲାଇଲେ। ତାଙ୍କ ଲେଖାରେ ସବୁବେଳେ ଅନ୍ୟାୟ ଅନୀତିକୁ ବିରୋଧ କରାଯାଉଥିଲା। ଜଣେ ଦରଦୀ କବି ଭାବେ କାଳିନ୍ଦୀ ପରିଚିତ। ତାଙ୍କ କାଳଜୟୀ ଲେଖା ମଧ୍ୟରେ ମାଟିର ମଣିଷ, ଲୁହର ମଟାଳ, ଲୁହାର ମଣିଷ ଆଦି ପ୍ରମୁଖ। ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ ଆଦି କବିମାନଙ୍କ ସହ ମିଶି



ତପସ୍ୱିନୀ ପଟ୍ଟନାୟକ

କାଳିନ୍ଦୀ ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ଆରମ୍ଭ କରିଥିଲେ। ତାଙ୍କ କନ୍ୟା ନନ୍ଦିନୀ ଶତପଥୀ ଜଣେ ପ୍ରମୁଖ ରାଜନୀତିଜ୍ଞ ତଥା ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଥିଲେ। ସାହିତ୍ୟ ରଚନାରେ ଉଲ୍ଲେଖନୀୟ ଅବଦାନ ପାଇଁ କାଳିନ୍ଦୀଙ୍କୁ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର, ପଦ୍ମଭୂଷଣ ସମ୍ମାନ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୯୧ ମସିହା ମେ ୧୫ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ।


*ଶିକ୍ଷାବିତ, ମହାନଦୀ ବିହାର, କଟକ*


# ଜନ୍ମବେଦୀରେ ମହାପ୍ରଭୁ ଓ ପବିତ୍ର ଗାଁ ବାଲିଗାଁ

ରତ୍ନବେଦୀ ଛାଡ଼ି ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ବଡ଼ଦାଣ୍ଡରେ ଦୁଇ ଦିନର ଲୀଳାଖେଳ ସାରି ଜନ୍ମବେଦୀ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦର୍ଶନ ଦେବା ପରେ ରଥାରୁଢ଼ ଚତୁର୍ଦ୍ଧାବିଗ୍ରହ ଗୋଟି ପହଣ୍ଡିରେ ଜନ୍ମବେଦୀରେ ବିରାଜମାନ ହୋଇଛନ୍ତି। ପହଣ୍ଡି ବେଳେ ଘଣ୍ଟଘଣ୍ଟା ସାଙ୍ଗକୁ ଭକ୍ତଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଛି। ଲକ୍ଷାଧିକ ସଂଖ୍ୟାରେ ଭକ୍ତ ଚତୁର୍ଦ୍ଧା ବିଗ୍ରହଙ୍କ ଆଡ଼ପ ପହଣ୍ଡି ଦେଖି କୋଟି ଜନ୍ମର ପୁଣ୍ୟରେ ଲଭିଛନ୍ତି। ଭକ୍ତମାନେ ଆଡ଼ପ ଦର୍ଶନ ସହ ଆଡ଼ପ ଅଭଡ଼ା ପାଇବାର ସୌଭାଗ୍ୟ ଅର୍ଜିବେ। ବିଶ୍ୱାସ ରହିଛି ଥରେ ଆଡ଼ପ ମଣ୍ଡପ ଦର୍ଶନ ଦଶ ବର୍ଷର ଶ୍ରୀମନ୍ଦିର ଦର୍ଶନ ସହ ସମାନ। ଯେହେତୁ ମହାପ୍ରଭୁ ଖୁସିରେ ଯାତ୍ରା ଆରମ୍ଭ କରିଥାନ୍ତି ଏହି ସମୟରେ ଦର୍ଶନ କରି ଭକ୍ତ ଯାହା ମାଗେ ତାହା ମିଳେ ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଆଡ଼ପ ଦର୍ଶନ ପାଇଁ କାହିଁ କେତେ ଦୂରରୁ ଦୌଡ଼ି ଆସନ୍ତି। ବାସ୍ତବରେ ରଥଯାତ୍ରା ହେଉଛି ସମଭାବର ଯାତ୍ରା। ମହାପ୍ରଭୁଙ୍କ ଏହି ଯାତ୍ରାର ଅନ୍ୟ ନାମ ହେଉଛି ପତିତପାବନ ଯାତ୍ରା। ପତିତ ମାନଙ୍କୁ ପାବନ କରିବା ପାଇଁ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବା ପତିତପାବନ ଯାତ୍ରା।

ମହାପ୍ରଭୁଙ୍କ ପତିତପାବନ ଯାତ୍ରା ଆଲୋଚନା କରୁଥିବାବେଳେ ଦିବ୍ୟ ସ୍ମରଣକୁ ଆସୁଛନ୍ତି ଭକ୍ତ ଦାସିଆ। ଭକ୍ତ ଦାସିଆଙ୍କ ଆଲୋଚନା ବିନା ମହାପ୍ରଭୁଙ୍କ ଯାତ୍ରାର ବର୍ଣ୍ଣନା ଅଧୁରା ରହିଯିବ। ପୁରୀ ଜିଲ୍ଲାର ସାତସଙ୍ଖ ନିକଟବର୍ତ୍ତୀ ତେଇଶିପୁର ମୌଜାର ରତ୍ନଚିରା ନଦୀ କୂଳରେ ପଲ୍ଲୀର ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ବାଲିଗାଁ । ଭୁବନେଶ୍ୱର ପୁରୀ ନଂ – ୨୦୩ ଜାତୀୟ ରାଜପଥର ନିର୍ମଳାଛକରୁ କିମ୍ବା ଡେଲାଙ୍ଗ ଓ ଜେନାପୁର ରେଳଷ୍ଟେସନ ଠାରୁ ଏହି ଗାଁକୁ ରାସ୍ତା ରହିଛି । ରାସ୍ତାର ଦୁଇକଡ଼ରେ ଧାଡ଼ି ଧାଡ଼ି ନଡ଼ିଆଗଛ । ରତ୍ନଚିରା କେନାଲ ବନ୍ଧ ନିକଟରେ ଅବସ୍ଥିତ ଏହି ପୁଣ୍ୟପୀଠ ହେଉଛି ଦାସିଆ ବାଉରିଙ୍କ ଜନ୍ମ, କର୍ମ, ସାଧନା ଓ ମହାସମାଧିର ସ୍ଥଳ । ଭକ୍ତ ଦାସିଆ ଥିଲେ ଜାତିରେ ଖଦାଳ ସମ୍ପ୍ରଦାୟର । ପେସା ଲୁଗା ବୁଣିବା, ଭକ୍ତି ଓ ଭାବନାରେ ସର୍ବଦା ଶ୍ରୀଜଗନ୍ନାଥ ତାଙ୍କ ପାଖରେ ଯେପରି ବନ୍ଧା ପଡ଼ିଥିଲେ । ପଡ଼ୋଶୀ ପ୍ରହରାଜପୁର ଗାଁର ଜନୈକ ବ୍ରାହ୍ମଣ ଶ୍ରୀଗୁଣ୍ଡିଚା ଯାତ୍ରା ଦେଖିବାକୁ ଶ୍ରୀକ୍ଷେତ୍ର ଧାମକୁ ଯାଉଥିବାରୁ ଦାସିଆ ବାଉରି କହିଥିଲେ – 'ଗୋସେଇଁ ଆଜ୍ଞା ! ତୁମେ ତ



ଶ୍ରୀକ୍ଷେତ୍ର ଯାଉଛ, ଏଇ ନଡ଼ିଆ ଦୁଇଟି ନେଇ ଶ୍ରୀଜଗନ୍ନାଥଙ୍କୁ ଦେଇଦେବ ଆଉ କହିବ ବାଲିଗାଁ ଦାସ ପଠାଇଛି । ସେ ଯଦି ନିଜ ହାତରେ ନେବେ ତ ଦେବ ନୋହିଲେ ଫେରାଇ ଆଣିବ ।'

କାଳିଆ ସାଆନ୍ତ ଦାସିଆ ଭକ୍ତିରେ ସନ୍ତୁଷ୍ଟ ହୋଇ ଶୂନ୍ୟରେ ଶ୍ରୀହସ୍ତ ବଢ଼ାଇ ଗରୁଡ଼ସ୍ତମ୍ଭ ନିକଟରୁ ଦାସିଆ ପଠାଇଥିବା ଶ୍ରୀଫଳକୁ ଗ୍ରହଣ କରିଥିଲେ । ଆଉ ଦିନକର ଘଟଣା । ଭକ୍ତ ଦାସିଆଙ୍କ କୁଟୀର ନିକଟରେ ଥିବା ପବିତ୍ର ଗୋଠ ଗାଡ଼ିଆରେ ଦାସିଆ ନିଜର ପତ୍ନୀଙ୍କୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାର ଦୃଶ୍ୟ ଦେଖାଇଥିଲେ । ଏକଥା ଚାରିଆଡ଼େ ପ୍ରଘଟ ହୋଇ ଯାଇଥିଲା । ପଞ୍ଚସଖାର ଯୁଗର (ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଜଗନ୍ନାଥ ଓ ବଳରାମ ଦାସ) ପ୍ରମୁଖ ଦିନେ ବାଲିଗାଁରେ ପହଞ୍ଚି ଭକ୍ତ ଦାସିଆଙ୍କ ଗୋଠ ଗାଡ଼ିଆରେ ଭକ୍ତିର ଦିବ୍ୟଚକ୍ଷୁରେ ଅନନ୍ତଶୟନରତ ଶ୍ରୀନାରାୟଣଙ୍କ ଦଶାବତାର ରୂପ ଦର୍ଶନ କରି ଆଶ୍ଚର୍ଯ୍ୟ ହୋଇଥିଲେ ।

ଥରେ କେହି ଜଣେ ବ୍ୟକ୍ତି ପବିତ୍ର ଗୋଠ ଗାଡ଼ିଆକୁ ମାଛ ଧରି ତିରୋଧାନ ଦିବସ ପାଳନ ହୋଇଥାଏ ଏବଂ ପ୍ରତିବର୍ଷ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଭକ୍ତ ଦାସିଆଙ୍କ ଜନ୍ମଦିବସ ପାଳନ କରାଯାଏ । ଭକ୍ତମାନେ ଏଠାରେ ଶାଗ, ଜାଉ ଓ କାଞ୍ଜି ତୋରାଣି ପ୍ରସାଦ ସେବନ କରିଥାନ୍ତି । ଏହି ଦିନ ବଡ଼ିଭୋରରୁ ଭକ୍ତମାନେ ପବିତ୍ର ଗୋଠଗାଡ଼ିଆରେ ବୁଡ଼ ପକାଇ ଶରୀରର ଆରୋଗ୍ୟ କାମନା ପାଇଁ ଠାକୁରଙ୍କୁ ନିକଟରେ ପ୍ରାର୍ଥନା ଜଣାଇଥାନ୍ତି । ପାରମ୍ପରିକ ରୀତିରେ ପ୍ରତିବର୍ଷ ରଥଯାତ୍ରାବେଳେ ବାଲିଗାଁରୁ ଏକ ସ୍ୱତନ୍ତ୍ର ରୀତିରେ ଦାସିଆଙ୍କ ବଂଶଧରର ଜଣେ କେହି ନଡ଼ିଆ ଓ ତୁଳସୀ ନେଇ ପାଦରେ ଚାଲି ଚାଲି ଯାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଥାନ୍ତି । ଏହି ପବିତ୍ର ଗୋଠଗାଡ଼ିଆ ପୁଷ୍କରିଣୀ, ରାଧାମୋହନ ମଠ, ଚଉଁରା, ତୁଳସୀ ଉଦ୍ୟାନ, ପଦ୍ମପୋଖରୀ, ଭକ୍ତ ଦାସିଆଙ୍କ ସମାଧିପୀଠ, ଭକ୍ତମାନଙ୍କ ବିଶ୍ରାମଗାର, ଭକ୍ତ ଦାସିଆ ସ୍ମୃତି ପାଠାଗାର, ମୁକ୍ତ ସଭାମଞ୍ଚ ରହିଛି । ନିକଟରେ ରାଜ୍ୟ ସରକାର ଏହାକୁ ଏକ ପର୍ଯ୍ୟଟନ ସ୍ଥାନ ବୋଲି ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଏଠାରେ ପର୍ଯ୍ୟଟନର ବିକାଶ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ସମ୍ଭାଷଣରେ ଭକ୍ତର ସମର୍ପଣ ଭାବ ଉପରେ ଅନେକ ଆଧ୍ୟାତ୍ମିକ ଅନୁଚିନ୍ତା ଭରି ରହିଛି । ଭକ୍ତଶ୍ରେଷ୍ଠ ଦାସିଆଙ୍କ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ ଯୁଗେ ଯୁଗେ ଭକ୍ତି ଭାବନାକୁ ଆହୁରି ଦୃଢ଼ୀଭୂତ ଓ ନିଜ ଇଷ୍ଟଙ୍କ ପ୍ରତି ଦୃଢ଼ ସମର୍ପଣର ଶ୍ରେଷ୍ଠ ନିଦର୍ଶନ । ଶ୍ରୀ ସତ୍ୟସାଇ ପୁସ୍ତକନ୍ୟାସ ଦ୍ୱାରା ପ୍ରକାଶିତ ବାଳବିକାଶ ଛାତ୍ରଛାତ୍ରୀଙ୍କ ନିମିତ୍ତ ଆଧ୍ୟାତ୍ମିକ 'ଭକ୍ତ ଚରିତ' ପୁସ୍ତକରେ ଭକ୍ତ ଦାସିଆଙ୍କ ଜୀବନୀ ଓ ତାଙ୍କ ଭକ୍ତି ଭାବନା ଉଲ୍ଲେଖ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଯୁଗେ ଯୁଗେ ଆମ୍ଭ ମାନଙ୍କ ଏହି ଭକ୍ତି ଭାବନାର ନିଦର୍ଶନର ମାର୍ଗ ଦେଖାଇ ଯାଇଛନ୍ତି ।


*ପୂର୍ବତନ ଆବାହକ, ଶ୍ରୀସତ୍ୟସାଇ ସେବା ସମିତି, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର*




# ଯୋଗ୍ୟତା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ରାଜେଶ ପାଇଁ ଝିଅ ଦେଖା ଚାଲିଛି । ଚାକିରୀ ପାଇଗଲା ପରେ ଏବେ ଘରେ ଗୃହସ୍ଥ ଜୀବନ ଆରମ୍ଭ କରିବା ପାଇଁ ତାକୁ ବାପା, ବୋଉ, ଭଉଣୀ ବାଧ କଲେଣି । ବୋଉର ଅଭିଯୋଗ, ’ କେତେ ଦିନ ଆଉ ଖଟିବି, ବୋହୂ ଆସିଲେ ତେଣେ ଟିକେ ଶାନ୍ତିରେ ନିଶ୍ୱାସ ନେବି । ତୋ ବାପା ଓ ମୁଁ ଟିକେ ତୀର୍ଥ କରିବାକୁ ଯିବୁ । କେତେଦିନ ଆଉ ବଞ୍ଚିବି ଯେ ! ଭଗବାନଙ୍କ ଶରଣରେ ବି କିଛିଦିନ ବିତେଇବାକୁ ମୋର ଭାରି ଇଚ୍ଛା । ’

’ ତୁ ଯାଉନୁ ତୀର୍ଥ ବୁଲିଆସିବୁ, ମୁଁ କଣ ନାହିଁ କରିଛି, ଆମେ ଦୁଇ ଭାଇ ଭଉଣୀ ରହିଯିବୁନି ? ’ ହେଲେ ତୋର ସେଇ ଗୋଟେ ଜିଦ୍, ମୋ ବାହାଘର ପରେ ହିଁ ତୁ ଘରୁ ଗୋଡ଼ କାଢ଼ିବୁ ।‘ ବାହାଘର ପରେ ଯେଉଁ ଝିଅଟି ଆସିବ, ସେ ଯେ ଘରର ଦାୟିତ୍ୱ ନେବାକୁ ଯୋଗ୍ୟ, ତାହା କିଏ କହିବ ? ତା ଭରସାରେ ତୁ ତୋର ଏତେ ଦିନର ସଂସାରକୁ ଛାଡ଼ି ଯିବାକୁ ବସିଛୁ । ଯଦି ଝିଅ ଠିକ ନ ହେଲା, ତୋ କୁଳ ଭାସି ଯିବ ଯେ ସେଥିପାଇଁ କହୁଛି ତୋର ଅପେକ୍ଷା କରିବା ଦରକାର ନାହିଁ, ତୁ ଆଉ ବାପା ଯାଇକି ବୁଲାବୁଲି କରି ଆସ । ବାହାଘର ତେଣେ ଯେବେ ହେବାର ଥିବ ହବ ! ‘

ଏମିତି ଦିନ ଗଡିଚାଲିଥାଏ, ମଝି ମଝିରେ ପ୍ରସ୍ତାବ ଆସେ ଝିଅ ଦେଖିବା ପାଇଁ କ୍ଷ ବାରମ୍ବାର ବୋଉର ଅଭିଯୋଗ ପରେ, ଶେଷକୁ ସେ ବାହାଘର ପାଇଁ ରାଜି ହେଲା କ୍ଷ କିନ୍ତୁ ମନରେ ତାର ଅନେକ ପ୍ରଶ୍ନ ! ଝିଅ କେମିତି ହେବା ଦରକାର, କେଉଁଗୁଣ ସବୁ ଥିଲେ ଝିଅଟି ବାହାଘର ପାଇଁ ଯୋଗ୍ୟ ମନେହେବ ସବୁଠାରୁ ଜରୁରୀ ଝିଅକୁ ଥରେ ଦେଖି କେମିତି ଜଣା ପଡିଯିବ ତାର କଣ ସବୁ ଭଲଗୁଣ ଅଛି ? ଏତେଗୁଡିଏ ଅନୁସନ୍ଧିତ୍ସା ମନରେ ନେଇ ପୁଅ, ବାପାଙ୍କୁ ପ୍ରଶ୍ନ କଲା, ’ ବାପା, କେଉଁଭଳି ଝିଅ ବାହାଘର ପାଇଁ ଯୋଗ୍ୟ ମନେ ହୁଅନ୍ତି ? କେଉଁ ସବୁ ଗୁଣ ଏବଂ ବ୍ୟବହାର ଦେଖି ଜଣେ ଜାଣିପାରିବ ଯେ, ଝିଅଟି ପାଖରେ ବିବାହ ପାଇଁ ସବୁ ଯୋଗ୍ୟତା ରହିଛି ? ’

ପ୍ରଶ୍ନ ପଚାରିଲା ବେଳେ ପୁଅର ହାବଭାବକୁ ଲକ୍ଷ୍ୟ କରି ପିତା ବେଶ ଠଉରେଇ ପାରୁଥିଲେ ଯେ ପୁଅ ତାଙ୍କର ନିଜପାଇଁ ସର୍ବଗୁଣ ସଂପୂର୍ଣ୍ଣା ଝିଅଟିଏ ଖୋଜୁଛି ।

କାଳ ବିଳମ୍ବ ନ କରି ପିତା ପୁତ୍ରର ପିଠି ଥାପୁଡ ?ଇ ଉତ୍ତର ରଖିଲେ, ’ ବାହାଘର ପାଇଁ ସର୍ବଗୁଣ ସଂପୂର୍ଣ୍ଣା ଝିଅ ଟିଏ ସମସ୍ତେ ଖୋଜନ୍ତି, ମାତ୍ର ନିଜ ଭିତରେ କେଉଁ ଗୁଣ ଭଲ, କେଉଁ ଗୁଣ ଖରାପ, ତାର ତର୍ଜମା କେତେଜଣ କରନ୍ତି ? ପୁଅ ବାହା ହଉଥିବା ଝିଅଟି ରୂପ, ଗୁଣ, ଜ୍ଞାନ, ଦକ୍ଷତାରେ ଉତ୍କୃଷ୍ଟ ହେଇଥାଉ, କିନ୍ତୁ ପୁଅ ଯେ ନିଜେ ସେ ସବୁ ଗୁଣର ଅଧିକାରୀ କି ନୁହେଁ ସେ କଥା ସେ ଜାଣିବା ଜରୁରୀ ମନେ କରେନାହିଁ । ’

ଝିଅର ଗୁଣ ଦୁର୍ଗୁଣ ଖୋଜିବା ତ ପର କଥା , ସର୍ବ ପ୍ରଥମେ ତୁ ନିଜେ ଗୋଟିଏ ଗୁଣବାନ, ଧୈର୍ଯ୍ୟବାନ ପୁରୁଷ ଭାବରେ ନିଜକୁ ପ୍ରମାଣିତ କର । ଏସବୁ ହେଲେ ତୋ ଜୀବନସାଥୀ ହୋଇ ଯେଉଁ ଝିଅଟି ଆସିବ ତାର ଛୋଟମୋଟ ଭୁଲ ବି ତୋତେ ଆଉ ବିଚଳିତ କରିପାରିବ ନାହିଁ । ସଠିକ ବୁଝାମଣା ଏବଂ ପରସ୍ପର ପ୍ରତି ସମ୍ମାନ ଥିଲେ ସାଂସାରିକ ଜୀବନ ସୁରୁଖୁରୁରେ କଟିଯାଏ ।

ବିବାହ ପାଇଁ କେବଳ ଝିଅଙ୍କ ଯୋଗ୍ୟତା ପରଖୁଥିବା ଆମ ସମାଜର ଚିନ୍ତାଧାରାରେ ଏହି ପରିବର୍ତ୍ତନ ଆସିବା ନିହାତି ଜରୁରୀ । ସତ କଥା ହେଲା, ସଫଳ ବିବାହ ପାଇଁ ଉଭୟ ପୁଅ ଓ ଝିଅଙ୍କ ଯୋଗ୍ୟତାକୁ ଆକଳନ କରିବା ଉଚିତ, ନୁହେଁ କି କେବଳ ଝିଅର !

ଫୋନ: ୬୩୭୦୫୧୬୪୭୮
ଭୁବନେଶ୍ୱର

# ବ୍ରତଭୋଜି

ସଦାଶିବ ମିଶ୍ର

ମାଗୁଣିଆର ଗୋଡ ତଳେ ଲାଗୁ ନ ଥାଏ। ବୋଉଠାରୁ ଶୁଣିଲା ଯେ ମାମୁଁ ପୁଅ ଭାଇର ବ୍ରତଘର କୁ ସେ ପୁରୀ ଯିବ ।ଟିକେ ଆଗରୁ ମାମୁଁ ତା’ର କାର୍ ରେ ଆସିଥିଲେ ନିମନ୍ତ୍ରଣ ପତ୍ର ନେଇ । ତାଙ୍କର ବହୁତ ଜାଗା ଯିବାର ଥିବାରୁ ସେ ଘର ଭିତରକୁ ଆସି ବୋଉ ହାତରେ ଗୁଆ-ମାହାରଦ୍ଧ ଦେଇ ତରତର ହୋଇ ପଳାଇଗଲେ। ଗଲାବେଳେ ପଚାରିଲେ,‘କାହିଁ ଭିଣୋଇ ଦେଖାଯାଉନାହାଁନ୍ତି ?‘ ହଉ, ତାଙ୍କୁ କହିଦେବୁ ।ଆଉ ତୋ ପୁଅକୁ ସାଙ୍ଗରେ ନେଇ ସମସ୍ତେ ମଙ୍ଗଳକୃତ୍ୟଠୁଁ ଯିବ ।?ଗାଡି ଭିତରୁ ପୂରା ପ୍ୟାଣ୍ଟ ସାର୍ଟ ପିନ୍ଧା ବାବୁ ଜଣେ ତାଙ୍କ ଘରଭିତରକୁ ଯିବା ଦେଖି ମାଗୁଣିଆ ଭୟରେ ପଡୋଶୀ ଘରେ ଲୁଚି ଯାଇଥିଲା ।ଗାଡି ଫେରିଯିବାର ଦେଖି ବୋଉ ପାଖକୁ ଦଉଡିଯାଇ ପଚାରି ବସିଲା-‘ବୋଉ ! ଆମ ଘରକୁ ସେ ବଡ ବାବୁ କିଏ କାହିଁକି ଆସିଥିଲେ ? ‘ମାଗୁଣିର ବୟସ ସାତବର୍ଷ ହେଲେ ମଧ୍ୟ ସେ କେବେ ତା ମାମୁଁଙ୍କୁ ଦେଖି ନ ଥିଲା ।ବୋଉକୁ ବେଳେ ବେଳେ ପଚାରି ପକାଏ ।ବୋଉର ମୁହଁ ଶୁଖିଯାଏ ।ପୁଅକୁ ବୁଝାଇ କୁହେ, ‘ବାପାରେ !ଆମେ ଅଭାବ ପକ୍ଷ ଲୋକ । ତୋ ମାମୁଁ ବଡ କଲେଜରେ ବଡ ଗୁରୁଜୀ ଅଛନ୍ତି, ମାଇଁ ବଡସ୍କୁଲରେ ଗଣିତ ବିଜ୍ଞାନ ପଢାଉଛନ୍ତି, ପୁରୀ ଭୁବନେଶ୍ୱରରେ ତାଙ୍କର ବହୁତ ବଡ ଘର । ସବୁବେଳେ ତାଙ୍କର କାମ ।ଆମ ଘରକୁ ଆସିବାକୁ ପାଖରେ ସମୟ କାହିଁ ?
ଆସିଲେ ଆମେ କ’ଣ ତାଙ୍କର ଚର୍ଚ୍ଚା କରି ପାରିବା ?

ସନ୍ଧ୍ୟାବେଳକୁ ମାଗୁଣିର ବାପା ଘରକୁ ଫେରିବାରୁ ପାରୁ(ମାଗୁଣିର ବୋଉ) ଭାଇନା ଗୁଆ ପକେଇ ଯିବା କଥା ସ୍ୱାମୀ ମନୋଜଙ୍କୁ ଜଣାଇଲେ ।ମନୋଜ କିଛି ସମୟ ଚିନ୍ତାରେ ବୁଡିଗଲେ ।ପୁତୁରାଙ୍କୁ ବ୍ରତବେଦୀରେ ନିହାତି ଗୋଟେ ମୁଦି ବନ୍ଧାଇବାକୁ ପଡିବ ।କୁଆଡୁ ଆଣିବେ? ତଥାପି ପାର୍ବତୀଙ୍କୁ ଧୈର୍ଯ୍ୟ ଦେଇ କହିଲେ -ତୁମେ କିଛି ଭାବନି ପାରୁ । ମୁଁ ମାଲିକଙ୍କୁ କହି କିଛି ଟଙ୍କା ଉଧାର ସୂତ୍ରରେ ଆଣିବି,ସେ ଧୀରେ ଧୀରେ ମୋ ଦରମାରୁ କାଟି ଦେବେ ।ଭାରି ଭଲ ଲୋକ ସେ ।ବ୍ରତଘର କଥା ଶୁଣିଲେ କେଉଁ ମନା କରିବେନି । ମଙ୍ଗଳକୃତ୍ୟ ଦିନ ଓପରବେଳାକୁ ମନୋଜ ପାର୍ବତୀଙ୍କୁ ରେଳ ଗାଡ଼ିରେ ବସାଇ ଦେଇ କହିଲେ -‘ମାଗୁଣିକୁ ସାବଧାନରେ ନେବ ।ପୁରୀ ଷ୍ଟେସନରୁ ଦଇତାପଡା ସାହି ବା କେତେ ବାଟ ?ଚାଲି ପଳାଇବ। ଅସୁବିଧା ହେଲେ ରିକ୍ସା କରିନେବ ।ଭାଇନାଙ୍କୁ ଟିକିଏ ବୁଝେଇ ଦେବ ମୁଁ ପରେ କେବେ ଯାଇ ବୁଲି ଆସିବି,ଏବେ ଟିକେ କାମ ଅଧିକ ଅଛି ।ପାର୍ବତୀ ନିଜ ସାଙ୍ଗରେ ଯିବା ପାଇଁ ମନୋଜଙ୍କୁ ବାଧ୍ୟ କଲେ ନାହିଁ ।କାରଣ ସେ ଠିକ୍ ଜାଣିଥିଲେ ଭାଇନାଙ୍କର ଅନ୍ୟ ବନ୍ଧୁବାନ୍ଧବଙ୍କ ପାଖରେ ଠିଆ ହେବାକୁ ମନୋଜ ସହଜ ମନେ କରୁ ନାହାନ୍ତି। ଟ୍ରେନ ଛାଡିବା ବେଳକୁ ,ବ୍ରତଘର ବାସି ଦିନ ଯେମିତି ପାରୁ ଫେରି ଆସନ୍ତି ତାହା ବୁଝାଇ କହିଲେ, କାରଣ ନିଜେ ରୋଷେଇ କରି କାମ ଜାଗାରେ ପହଞ୍ଚିବା କଷ୍ଟକର ହେବ।

ମାମୁଁଙ୍କର ବଡଘର,ବଡବଡ ଖଟ,ମୋଟା ଗଦି,ଘର ଥଣ୍ଡା ରଖିବା ଯନ୍ତ୍ର ସବୁ ମାଗୁଣି ଢିମାଢିମା ଆଖିରେ ଦେଖୁଥାଏ ।ମନ ହେଉଥାଏ ଗଦି ଉପରେ ଟିକେ ବସି ପଡନ୍ତା କି! ହେଲେ ମାଇଁଙ୍କର ତାଗିଦା ସେ ଘର ଭିତରକୁ ନ ଯିବାକୁ ।କେତେ ଧୂଳିମଳି ତା’ ଦେହରେ ଗୋଡରେ । ମାଗୁଣିର ମୁହଁଟି ଶୁଖିଗଲା ପଦ୍ମଫୁଲ ଉପରେ କୁଆପଥର ପଡ଼ିଲା ପରି। ଢୋଲ ମହୁରୀ ବଜାଉଥିବା ବାଜାବାଲାଙ୍କୁ ଦେଉଥିବା ଚୁଡାଖଇରୁ କିଛି ପାରୁ ହାତକୁ ବଢାଇ ଦେଇ ମାଇଁ କହିଲେ -ପାରୁ ନିଅ,ତୁମେ ଆଉ ତୁମ ପୁଅ ଖାଇ ନିଅ ।ହଁ,ପାରୁ ଶୀଘ୍ର ଖାଇ ସାରି ସେ ବାସନକୁସନ ଗୁଡାକ ମାଜିଦେଇ ବାହାର ପିଣ୍ଡା, ବାଲକୋନୀ ଭଲ କରି ଓଳେଇ ଦିଅତ, ବହୁତ୍ ଅସନା ହେଇଛି ।ଆମ ଶୋଇବା ଘର ଓଳେଇବା ଦରକାର ନାହିଁ ।କେତେ କ’ଣ ଜିନିଷ ଏଣେତେଣେ ପଡିଛି,ତାକୁ ଆମ କାମବାଲୀ ଓଳାଇଦେବ ।ତୁମେ ବା କେତେ କାମ କରିବ ?ପାରୁ ହସି ହସି କହିଲା -ହଁ ଭାଉଜ! ତୁମେ ଚିନ୍ତା କରନି। ମୁଁ ସବୁ କରିଦେଉଛି । ତୁମେ ସେପଟ କାମ ଦେଖ ।କେତେ କେତେ ଲୋକ ଆସୁଥାନ୍ତି। ଭଳି ଭଳି ମିଠା ଦେଇ ମାଇଁ ସଂଯୁକ୍ତା ଦେବୀ ସେମାନଙ୍କୁ ଆପ୍ୟାୟିତ କରୁଥାନ୍ତି। ମାଗୁଣି ବୋଉକୁ ଟିକିଏ ଦୂରକୁ ଟାଣି ନେଇ କୁହେ-‘ବୋଉ ମତେ ମିଠା ଦେ ମୁଁ ଖାଇବି’’ ।ବୋଉ ବୁଝେଇ କୁହନ୍ତି-ଆରେ ତୁ ଛୋଟ ପିଲା,ସେଗୁଡା ତୋ ପେଟରେ ଯିବନି ।ଆଉ ତୁ ଯେବେ ଏଇଲେ ମିଠା ଖାଇବୁ ତେବେ ଭୋଜି କ’ଣ ଖାଇବୁ ? ପିଲାଟାକୁ ଭୋକ ହେବଣି,କୋଉ ପହରୁ ଚୁଡାଖଇ ଗଣ୍ଡେ ଖାଇଥିଲା ।ପାରୁ ଏଣେ ତେଣେ ଚାହୁଁଥାଏ ,କାଳେ କିଏ ତା’ ପୁଅକୁ ଭାତ ଖାଇବାକୁ ଡାକିବ! ।ହେଲେ ସେମିତି କିଛି ହେଲାନି ।ମା ମନ ବୁଝନ୍ତା କିପରି ?ଶେଷରେ ଅନ୍ୟ ବନ୍ଧୁବାନ୍ଧବ ଖାଉଥିବା ସ୍ଥାନର ଅଳ୍ପ ଦୂରରେ ମାଗୁଣିକୁ ବସାଇ ଗଣ୍ଡେ ଖାଇବାକୁ ଦେଲା ।ଭାଉଜ ଦେଖି ପକାଇ କହିଲେ-ଆରେ ପାରୁ କ’ଣ ସବୁ କାମ ସରିଗଲା? ପୁଅକୁ କେତେ ଖୁଆଉଥିବ ?ସଂକୋଚରେ ପାରୁ କହିଲା -ନାଇଁ ଭାଉଜ , ‘ପିଲାଟାକୁ ଭୋକ ହେଉଥିଲା ତ ଭାତଗଣ୍ଡେ ଦେଇଦେଲି ।’’

ବ୍ରତ ଭିକ୍ଷାରେ କେତେ ଲୋକ କେତେ ଉପହାର ଦେଉଥାନ୍ତି। ମାଗୁଣିର ମନ ବେଦୀ ପାଖକୁ ଯିବାକୁ ଥିଲେ ମଧ୍ୟ ଦାମୀ ପୋଷାକରେ ଥିବା ଲୋକମାନଙ୍କ ଗହଣକୁ ଯିବା ପାଇଁ ଭରସି ପାରୁନଥିଲା ।ପାରୁ ମଧ୍ୟ ପୁଅକୁ ଦୂରରେ ରଖିଥିଲେ ।ବ୍ରତଭିକ୍ଷାର ଶେଷକୁ ଆପଣାର ଲୁଗା କାନିରେ ଅତିଯତ୍ନରେ ରଖିଥିବା ମୁଦିଟିକୁ ପୁତୁରା ମୁଣ୍ଡରେ ଛୁଆଁଇ ଆଙ୍ଗୁଠିରେ ପିନ୍ଧାଇ ଦେଲା ପାରୁ ।ପାଖରେ ଥିବା ସଂଯୁକ୍ତା ଦେବୀ ଏତେ ବଡ ପାଟିରେ କହି ପକାଇଲେ--‘ଇଏ କି ମୁଦି !ରୂପା ନା ସୁନା ?ମୋର ଖଣ୍ଡେ ବୋଲି ପିଲା ,ଏମିତି ମୁଦିଟେ ଦେବାକୁ ତୁମ ମନ ହେଲା କେମିତି ?‘ପାରୁର ଆଖି ଛଳ ଛଳ ହୋଇ ଯାଉଥାଏ ।ସିଏ ବା କେମିତି କହିବ ସେହି ଶସ୍ତା ମୁଦିଟା ଯୋଗାଡ କରିବାକୁ ତା’ ସ୍ୱାମୀଙ୍କୁ ମାଲିକଙ୍କ ପାଖରେ କେତେ ନେହୁରା ହେବାକୁ ପଡ଼ିଛି।

ରାତିରେ ଅବଢା ଖିରାର ଆୟୋଜନ ।ଅନେକ ଅତିଥିଙ୍କର ଗହଳି। ସବୁରି ହାତରେ ଉପହାର ।ଏହା ଭିତରେ ମାଗୁଣି ବୋଉକୁ କେତେଥର ଭୋକ ହେଉଛି ବୋଲି କହିଲେଣି ।ପାରୁ ପୁଅ ମୁଣ୍ଡକୁ ଆଉଁସି ଦେଇ କହୁଥାନ୍ତି -ଲୋକଗହଳି କମିଯାଉ,ତୁ ଆନନ୍ଦରେ ପେଟଭରି ଖାଇବୁ ।ଗହଳି କମିବା ବେଳକୁ ଅନେକ ରାତି। କୌଣସି ପ୍ରକାରେ ପୁଅକୁ ଗଣ୍ଡାଏ ଖାଇବାକୁ ଦେଇ ଶୁଆଇ ପକାଇବା ପାଇଁ ଏଣେତେଣେ ଚାହୁଁଥାଏ ।ଅଗତ୍ୟା ଭାଉଜ କହି ପକାଇଲେ--‘ଘର ଭିତରେ ତ ଜାଗା ନାହିଁ। ତୁମେ ଏହି ବାଲକୋନୀରେ ଶୋଇପଡ ।ଆଉ କେତେ ବା ସମୟ ଅଛି ରାତି ପାହିବାକୁ ?‘ ଏହା କହି ବାଲକୋନୀର ଗେଟ୍ ବନ୍ଦ କରିଦେଇ ଶୋଇବା ଘରକୁ ଚାଲିଗଲେ ।ବିଚାରୀ ପାରୁ ନିଜ ଲୁଗାକାନିରେ ପୁଅର ଦେହକୁ ଘୋଡାଇ ଦେଲା ମଶା ଦାଉରୁ ରକ୍ଷା ପାଇବା ପାଇଁ ଆଉ ନିଜେ କାନ୍ଥକୁ ଆଉଜି ଜଗନ୍ନାଥଙ୍କୁ ଲୁହ ଦୁଇ ଧାର ପିଇ ଡାକୁଥାଏ ଆପଣାର ଦୀନ ଅବସ୍ଥାକୁ ଦୂର କରିବା ପାଇଁ। ଦିନଟା ସାରା ଖାଇବା ପିଇବା ଠିକ୍ ନ ଥିବାରୁ ଆଉ ଶୁଖିଲା ଅବଢ଼ା ଗଣ୍ଡାଏ ଖାଇଦେବାରୁ ମାଗୁଣିର ପେଟଟି ବିଗିଡି ଗଲା ବୋଧେ। ପାହାନ୍ତିଆ ବେଳକୁ ବୋଉକୁ ହଲାଇ ପାଇଖାନା ଯିବା ପାଇଁ କହିଲା ।ହେଲେ ବାଲକୋନୀ ଗେଟ୍ ତ ବନ୍ଦ ଥିଲା ।ଭାଉଜଙ୍କ ଶୋଇବା ଘର କବାଟରେ ମୃଦୁ ଆଘାତ କଲେ ପାର୍ବତୀ କିନ୍ତୁ ନିରାଶ ହେବାକୁ ପଡିଲା ।ଶେଷରେ ମାଗୁଣି ସେହି ବାଲକୋନୀରେ ହିଁ ଝାଡ଼ା ଫେରିଦେଲା । ପରଦିନ ସକାଳେ ଭାଉଜ ଶେଯରୁ ଉଠି ବାହାରକୁ ଆସିବା ମାତ୍ରେ ପାରୁ ସକଳ ଘଟଣା କହି ସାଙ୍ଗେ ସାଙ୍ଗେ ଭଲ ଭାବରେ ପରିଷ୍କାର କରି ଧୋଇ ଦେଲେ ମଧ୍ୟ ସଂଯୁକ୍ତା ଦେବୀ ରାଗରେ ପଞ୍ଚମ। ତାଙ୍କ ଛୁରୀ ଚାଲିବା ଭଳି ମୁହଁରୁ ଶୁଭୁଥାଏ----କେବେ ତ ଦେଖି ନଥିଲ,ଏଠି ସେସବୁ ଦେଖି ଲୋଭ ସମ୍ଭାଳିପାରୁଚ କୁଆଡୁ ?ପୁଅଟାକୁ ନାକରେକାନରେ ଗିଳେଇଲେ କ’ଣ ହେବ ?

ମାଇଁଙ୍କର ଏପରି ରାଗ ଦେଖି ବିଚରା ମାଗୁଣିଆ ବୋଉ ହାତକୁ ଭିଡ଼ି ବାରମ୍ବାର କହୁଥାଏ --‘ଚାଲ୍ ବୋଉ ଆମେ ଗାଆଁକୁ ପଳେଇବା। ମାମୁଁଘରକୁ ଅଉ କେଉଁ ଆସିବାନି ।ପୁଅ ମୁଣ୍ଡକୁ ସାଉଁଳି ଦେଇ ଧୀରେ ଧୀରେ ରାସ୍ତା ଉପରକୁ ଚାଲି ଆସିଲା ପାରୁ ଷ୍ଟେସନରେ ପହଞ୍ଚିବା ପାଇଁ ।ଭାଇଙ୍କ ଘର ଆଡକୁ ଫେରି ଚାହୁଁଥିବା ବେଳେ ମାଗୁଣିଆ କହୁଥାଏ --ଆ ବୋଉ! ଚଞ୍ଚଳ ଆସେ, ନହେଲେ ଗାଡି ପଳେଇବ ଯେ !

ପତିତପାବନ ଲେନ୍,
ଟିକରପଡା, ପୁରୀ।
ମୋ: ୯୭୭୮୬୩୭୭୯୦

## ଜୀବନର ମାନଚିତ୍ର

ନିରଞ୍ଜନ ସାହୁ



ମାନଚିତ୍ର ସିନା ଜଣାଇ ଦିଅଇ
ରାଜପଥ କେତେ ବଙ୍କା
ଜୀବନର ରାଜପଥ ଜଣାନାହିଁ
କେମିତି ହୋଇଛି ଅଙ୍କା ।
ଜାଣିଥିଲେ ଯଦି ଜାଣିଥିବେ ପ୍ରଭୁ
ମଣିଷ ନ ପାରେ ଜାଣି
ଏଣୁତେଣୁ କେତେ କଥା କେ ’ କହଇ
କଳ୍ପନା ମନକୁ ଆଣି
କିଏ କହେ ଇଏ ଧନଲିପ୍ସୁ ଅଟେ
କିଏ କହେ ନାରୀ ରଙ୍କା ।
ସାମୁଦ୍ରିକ ପାଠ ପଢି କିଏ କହେ
ଭୂତ ଭବିଷ୍ୟତ କଥା
କର କୋଷ୍ଠୀ କପାଳକୁ ଦେଖି କହେ
ତାହା ଗଣନାଟା ଯଥା
ବିପଦ ନ ଆସୁ ପ୍ରତିକାର କରି
ଗଣିନିଏ ସିଏ ଟଙ୍କା ।
ଭବିତବ୍ୟ ଯାହା ନିଶ୍ଚୟ ଘଟିବ
କିଏ ସେ ପାରିବ ଟାଳି
କପାଳ ଲିଖନ ହେବ ନାହିଁ
କେବେ ଗାଳି କେବେ ତାଳି
ମାନୀ ଦୁର୍ଯ୍ୟୋଧନ ଧରାଶାୟୀ ହେଲା
ଧ୍ୱଂସ ହେଲା ସ୍ୱର୍ଣ୍ଣଲଙ୍କା ।

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୮୩୮୭୪୧୫୮୩

## ମୋ ବୋଉ

ଶିବାନୀ ମହାରଣା



ବୋଉ ବୋଉ କହି କୋଳରେ ତୋହର
କେତେ ମୁଁ କରିଛି ଅଳି
କେତେ ଭୁଲ କରିଥିଲେ ମଧ
ଦେଉ ନଥିଲୁ ତୁ ଗାଳି
ଦେହଟା ଯଦି ମୋ ଗରମ ଲାଗଇ
ମନ ତୋର ମାନେ ନାହିଁ
ଘଡି ଘଡି ଖାଲି ମଥାରେ ମୋହର
ହାତ ମାରୁଥାଉ ତୁହି
କେବେ ଯଦି ମୁଁ ରୋଗରେ ପଡ଼ିଲେ
କେତେ ମାନସିକ କରୁ
ଦାଣ୍ଡ ଦୁଆରକୁ ଆସି ଚାହୁଁ ଥାଉ
ବାହାରି ଗଲେ ମୁଁ ଘରୁ
ମନ ଜାଣି ମତେ ଖାଇବାକୁ ଦେଉ
କୋଳରେ ବସାଇ ତୁହି
ଅନେକଙ୍କ ସାଥେ କରୁଛୁ କଳି
କେବଳ ମୋହରି ପାଇଁ
ଆଜି କାହିଁ ମୋର ମନେ ପଡୁଛି
ବୋଉଲୋ ତୋରି କଥା
ଲାଗୁଛି ଯେମିତି ମୋ ପାଖେ ବସି
ଆଉଁସି ଦେଉଛୁ ମଥା
ଦୂର ରାଇଜରେ ଆସି ରହିଲି
ନାହିଁ ମୁଁ ଏବେ ତୋ ପାଖେ
ଏକା ମୁଁ ଖାଉଛି ଝୁରେ ଖାଲି
ତୋର ହାତ ରନ୍ଧା ଟିକେ
ତୋର କମି ଅନୁଭବ କରେ ଆଜି
ସବୁ ଥାଇ ବି ମୋ ପାଖେ
ଝୁରେ ପ୍ରତି ମୁହୂର୍ତ୍ତରେ ଏ ମନ
ଚାହେଁ ଖାଲି ତୁ ତା ପାଶେ

ପାଣ୍ଡିଆ, ଗଞ୍ଜାମ

## ସାଥୀ

ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ



କେଉଁଠି କେମିତି ଅଛ ତୁମେ ସାଥୀ ,
ଜାଣିନାହିଁ ମୁଁ କିଛି,
ଯେଉଁଠି ଯେମିତି ଥାଅ ନା କାହିଁକି,
ଭଲରେ ଥିବ ଭାବୁଛି ।
ମନେ ପଡିଗଲା ଅତୀତର ସ୍ମୃତି,
ଝରିଲା ଦି ଟୋପା ଲୁହ,
ସେ ଲୁହ ଟୋପାରେ ଦିଶିଯାଉଛି,
ସେ ହଜିଯାଇଥିବା ମୁହଁ ।
କାହିଁକି କେଜାଣି ମନେ ପଡିଯାଏ,
ତୁମେ ଦେଇଥିବା କଥା,
କଥା ସବୁ ତୁମ କଥାରେ ରହିଲା,
ହଜିଗଲା ତାର ସତ୍ତା।
ମରିମୁଁ ଯାଇଛି ତୁମ ପାଇଁ ହେଲେ,
ବଞ୍ଚିଛ ତୁମେ ମୋ ପାଇଁ,
ଚଲାବାଟେ ତୁମ ଫୁଲ ବର୍ଷୁଥାଉ,
ଦୂରରୁ କହୁଛି ଥାଇ ।

ଭୁବନେଶ୍ୱର
ମୋ- ୮୪୫୭୯୦୨୦୮୪

## ବଦଳିଛି ଆଜି

ଜଗଦୀଶ ପଣ୍ଡା



ବଦଳିଛି ଆଜି ଆମ ଜୀବନ ଶୈଳୀ
ବଦଳିଛି ସମୟ, ଯୁଗ ଯାଇଛି ବଦଳି
ସେ କାଳର ପଖାଳ ଖିଆ,
ଏବେକାର ବୁଫେ ରେ ସେ ସୁଆଦ କାହିଁ,
ସେ କାଳର ଚିଠି ଲେଖାର
ଆଜିର ହ୍ୱାଟସଆପରେ ମେସେଜରେ ମଜା କାହିଁ।
ବଦଳିଛି ଆଜି ଆମ ଜୀବନ ଶୈଳୀ
ବଦଳିଛି ସମୟ, ଯୁଗ ଯାଇଛି ବଦଳି
ସାଙ୍ଗ ସାଥି ସହ ସେ ଗପସପ
ଆଜିର ମୋବାଇଲ କଲର୍ କି ମଜା,
ରାତି ରାତି ଉଜାଗରେ ଥିଲା ଯେଉଁ ମଜା
ଏବେକାର ସୋସିଆଲ ମିଡ଼ିଆରେ
ଫୋଟୋ ସେୟାର ରେ କି ମଜା ।
ବଦଳିଛି ଆଜି ଆମ ଜୀବନ ଶୈଳୀ
ବଦଳିଛି ସମୟ, ଯୁଗ ଯାଇଛି ବଦଳି
ଛୋଟ ବେଳର ସେ ମଜାଳିଆ
ଢଗଢମାଳିରେ ଥିଲା ଯେଉଁ ମଜା
ଆଜିର ସ୍ମାର୍ଟ ଫୋନରେ ଶୁଭେଚ୍ଛାର କାହିଁ।
ସଂଧ୍ୟା ଆସରର ସେ ଚୁଟକୁଲେର ମଜା
ଆଜିର ସୋସିଆଲ ମିଡ଼ିଆରେ କାହିଁ।
କଡ଼ ଲେଉଟାନ୍ତି ଶୁଷ୍କ ପତ୍ର କିଛି
ଜୀବନର ମାନଦଣ୍ଡ ମାପିବା ପାଇଁ
ସେ ସମୟକୁ ଫେରିବା ଆଜିର
ମଡର୍ଣ୍ଣ ସଭ୍ୟତାରେ କୋଳେ ହଜିଛି
ଲୋକେ ଯାଇଛନ୍ତି ସହରକୁ
ପରନ୍ତୁ ଗାଁର ସେ ବାସ୍ନା ପାସୋରି ଯାଇଛି।

ଅଲାଡିଗାଁ, ଗଂଜାମ

## ଶୁଆ ପଚାରୁଛି ଶାରୀଲୋ

ସୁନୀଲ କୁମାର ପ୍ରଧାନ



ଶୁଆ ପଚାରୁଛି ଶାରୀଲୋ
ମନ ଦୁଃଖ କିମ୍ପାଇ
କି କାରଣେ ମନ ଶୁଖିଛି
ମତେ ଦିଅ ବତାଇ ।
ଶାରୀ କହୁଅଛି ଶୁଆରେ
ତୁହି ନ ଜାଣୁ କିଛି
ଅକାରଣେ ଭାଇ ମଣିଷ
ଏ ଜଙ୍ଗଲ କାଟୁଛି ।
ବହୁ ଅସୁବିଧା ହେଉଛି
ବର୍ଷା ହେଉନି ଜାଣ
ପଶୁ ପକ୍ଷୀ ରହୁ ନାହାନ୍ତି
ଚାଲିଯାଏ ପରାଣ ।
ଶୁଆ କହୁଅଛି ଶାରୀଲୋ
ଏହି ମଣିଷ ଜାତି
ଯାଙ୍କ ପାଇଁ ଖରା ହେଉଛି
ପରା ବଢୁଛି ତାତି ।
ଶାରୀ କହୁଅଛି ଶୁଆରେ
ଆମେ କରିବା କିସ
ସଚେତନ ହେଲେ ମଣିଷ
ଜୀବ ହେବ ସରସ ।
ଶୁଆ ଶାରୀଙ୍କର ମହତ
ଅଟେ ଏହି ବିଚାର
ଜଙ୍ଗଲ ଆଉ ନ କାଟିବା
ସବୁ ଶପଥ କର ।

ଝାଟିପଦର, ପାଲୁର,ଗଞ୍ଜାମ
ମୋ -୭୬୦୯୯୩୪୩୬୬

## ମନର ମଣିଷ

ଆଦ୍ୟାଶା ମହାପାତ୍ର



ମନର ମଣିଷ ଯାହାକୁ ମିଳିଛି
ତା ଭାଗ୍ୟ ବହୁତ ଭଲ
ନ ହେଲେ ବଞ୍ଚିବା ନାଆଁରେ ବଞ୍ଚିକି
ହୁଏ ସିଏ କଲବଲ ।
ବାଟ ଚାଲିବାକୁ ସାଥିଟିଏ ଲୋଡା
ସିଏ ତ ଜୀବନ ସାଥି
ସେହି ସାଥି ଯଦି ଅମଣିଷ ହୁଏ
ଘୋଟିଆସେ ଅମାରାତି
ଜୀବନର ସ୍ୱାଦ ଚାଖି ହୁଏନାହିଁ
ଜୀବନ ଥାଇକି ମଲ ।
ସାତ ଜନ୍ମ ଯାଏ ସାଥି ହେବ ବୋଲି
ଆମର ରହିଛି କଥା
ଗୋଟିଏ ଜନ୍ମ ତ ଅକାରଣେ ଗଲା
ସାତ ଜନମ ଅଯଥା
ହେ ବିଧାତା ତୁମେ ଏମିତିଆ ଯୋଡି
କାହିଁକି ଏକାଠି କଲ ??
ଏହି ଦୁନିଆରେ ମନର ମଣିଷ
ଭାଗ୍ୟରେ ଥିଲେ ହିଁ ମିଳେ
ସୁଖରେ ଦୁଃଖରେ ସମଭାଗୀ ହୁଏ
ତୁଳନା କରେନା ତିଳେ
ମନର ମଣିଷ ଦୁର୍ଲ୍ଲଭ ସଂସାରେ
ଅନ୍ୟ ଯୋଡି ପଲପଲ ।

କଟକ

## ଉଦ୍ଦଣ୍ଡୀ ବର୍ଷା

ସୁଧାକର ରାଉତ



କେତେ ବେଳେ ସିଏ
ଧସେଇ ପଶେ
ସେ ବେଳେ ତା ଛୁଆଁ
ମହ ମହ ବାସେ ।
ବିଭୋରିତ ମନ ତାରେ
ଚାହିଁଇ ହରଷେ ।
ତା ଇଚ୍ଛାରେ ଡିଏଁ ସିଏ
ବିରହୀ ହୃଦରେ
ଗଛରେ,ରାସ୍ତାରେ
ପଡ଼ିଆରେ ଅବା
ଶୁଖିଲା କ୍ଷେତରେ
ନାଚି ନାଚି ଗୀତ ଗାଇ
ହଜିଯାଇ
ନିଜ ସଂଗୀତରେ ।
ପୁଣି କେବେ ଲୁଚିଯାଏ
ଖରାର ତେଜରେ
ତା ଉପସ୍ଥିତ ଜାହିର କରେ
ମନର ଶୁଖିଲା କ୍ଷେତରେ,
କାଗଜ ଡଙ୍ଗାରେ
ଓଦା ସରସର
ଚାଷୀ ଚିର ଫୁଙ୍ଗୁଳା ଦେହରେ ।
ଅବା ଶୁନ୍ୟ ଗର୍ଭା
ନଦୀର ବକ୍ଷରେ ।
ଭଲ ଲାଗେ ତାକୁ
ଖେଳିବାକୁ ଲୁଚକାଳି
ପୁଣି ଖାଇ ଗାଳି
ଉଡାଇଣ
ଗାଁ ଦାଣ୍ଡ ଧୂଳି ।
ଫେରେ ପୁଣି ସିଏ
ଭିଜା ଭିଜା ପତାରେ
ପକାଇବାକୁ
ସୁଖ ଅବା ଦୁଃଖ ର
ପରସ୍ତ ପରସ୍ତ ତାଳି ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ଦୃଶ୍ୟ ଅଦୃଶ୍ୟ

ରତ୍ନକାନ୍ତି ମିଶ୍ର



ଚେତନାର ଚିତା ଜଳିଲେ
ଆକାଶକୁ ଛୁଇଁଯାଏ ଧାସ
ଇଚ୍ଛାମାନଙ୍କୁ ଆହୁତି ଦେଲେ
ଫିଟିଯାଏ ନିର୍ବାଣର ପଥ
କାମନା ମାନେ ହିଁ ଅଭିଶପ୍ତ
ଅପେକ୍ଷାରେ ଥାନ୍ତି ଅନିର୍ଦ୍ଦିଷ୍ଟ କାଳ
ଦେହ ସର୍ବସ୍ୱ ରୁ ସର୍ବସ୍ୱାନ୍ତ
ଅପହଞ୍ଚ ଅନ୍ତିମ ମୁହୂର୍ତ୍ତ
ମୁଁ ଏବେ ମଝି ନଈରେ
ନାଆରେ ଛିଦ୍ର ବି ତ’ ନାହିଁ
ନଈରେ ବି ନାହିଁ ଅକାତକାତ ପାଣି
ତଥାପି ମୁଁ ସନ୍ତ୍ରସ୍ତ
ତଥାପି ମୁଁ ଆତଙ୍କିତ
ଦୁର୍ଘଟଣାଟେ ଘଟିବାପୂର୍ବରୁ
ମୁଁ ତୃଷ୍ଣା ଭାରାକ୍ରାନ୍ତ
ଅପେକ୍ଷାରେ ମୁଁ ସୂର୍ଯ୍ୟାସ୍ତକୁ
ମୋର ବିଦାୟ ଲଗ୍ନକୁ
ଯଦିଓ ମୁଁ ଏବେ ମଧ୍ୟାହ୍ନରେ
ଆଗକୁ ଆହୁରି ଅଛି
ବିସ୍ତୃତ ଅପରାହ୍ନ
ହେଲେ ମୁଁ ଭୟଭୀତ
ନିଜ ଭିତରେ... !
ଖୋଜି ଚାଲିଛି ପର୍ଯ୍ୟାପ୍ତ ଜୀବନ
ଅନାଗତ ଶେଷ ମୁହୂର୍ତ୍ତରେ .....!!!!

ଆଳି, କେନ୍ଦ୍ରାପଡା

## ଚୁପ୍

ଡ୍ରୁଇଟି ଡେଭିଡ ଫିଲିପ୍

ମଲେ, ଖ୍ରୀଷ୍ଟିଆନ ଯିଶୁ ଚୁପ୍,
ମଲେ, ମୁସଲମାନ ଆଲ୍ହା ଚୁପ୍,
ମଲେ, ହିନ୍ଦୁ ଭଗବାନ ଚୁପ୍,
ହାତ ଉଠାଉଛୁ, ଖ୍ରୀଷ୍ଟିଆନ, ମୁସଲମାନ
ଓ ହିନ୍ଦୁ କାହା ପାଇଁ ତୋର ଏତେ ଦୁଃଖ।
ମଲା ମିତ୍ର ସବ, ଦେଖି ଗଲି ହୋଇ
ଭାବୁକ, ବାହାରିନି ଓଠରୁ ଶବ୍ଦ ,
ବଞ୍ଚି ଥିଲେ ଶତ୍ରୁ ପର, ବ୍ୟବହାର, ‘ତୁ
ଏଠାରୁ ହୁଅ ଦୂର’
ହିନ୍ଦୁର ପନିର,
ମୁସଲମାନର ବିରିଆନି,
ଖ୍ରୀଷ୍ଟିଆନର କେକ ହେଉକି ଚିଜ୍ ଇତ୍ୟାଦି,
କେଉଁ ଜିଭକୁ ଭଲ ଲାଗୁନି, ଏଯାଏଁ ମୁଁ
ଜାଣିନି, ଖାଇ କିଏବି ମରିନି।
ମଣିଷ ମାନଙ୍କ ଦେହ ରକ୍ତ ସମାନ ଟି ?,
ଭିଟାମିନ ଓ ଭେକ୍ସିନ
ଅଲଗା ଅଲଗା ବାହାରିନି ?
ବିଷ କିଏ ଭରୁଛି, କେଜାଣି, ?
ସମସ୍ତଙ୍କ ପାଇଁ ପୂର୍ବ, ପଶ୍ଚିମ, ଉତ୍ତର,
ଦକ୍ଷିଣ, ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପୃଥିବୀ
ସମାନ ଜାଣି,
ମଣିଷ ମାନେ ଅଲଗା, ‘ଗୀର୍ଜା, ମନ୍ଦିର,
ମସଜିଦ ଶିଖାଉଛନ୍ତି (କ୍ୱି ?
ବିଷ ଅଛି କେଉଁଠି, ମାରିବ ବିଷ କେମିତି ?
ଯିଶୁ, ଆଲ୍ହା,
ଭଗବାନ ଚୁପ୍ ରୁହ କହୁଛନ୍ତି।

ଭବାନୀପାଟଣା

## ମାୟା

କାମିନୀ ନାୟକ



ଆଖି ତା’ର ଓଦା
ହେଉଥିଲା
ସମ୍ଭାବନା ରେ
ଜାଣି ବା
ବୁଝି ବା ଆଗରୁ,
ଗଭୀରତା ର ଆକର୍ଷଣ
ଛୋଟ ଛୋଟ
ମାନ ଅଭିମାନ ରେ
ଆପଣାର ପଣ କୁ
ସ୍ପଷ୍ଟ କରୁଥିଲା ତା’ର
ଅତୀତ।
ଯେପରି ଉତ୍ତାଳ ପବନର
ସୁରଭିତ ବାସ୍ନାରେ
ଭରି ରହିଥିଲା
ତା’ର ପ୍ରାଣ।
ଅଦିନ ସମୟରେ
କୋଇଲି ର
କୁହୁତାନ
ଶୁଭୁଥିଲା।
ଦୂରରୁ
ଭାସି ଆସୁଥିଲା
ମଧୁର ସଙ୍ଗୀତ।
ବାରମ୍ବାର କାହାର
କଣ୍ଠ ସ୍ୱର ରେ
ପରିସ୍କାର
ଶୁଭୁଥିଲା ଅତୀତ ର
ସେହି ତାଗିଦ୍
ସେହି ପୁରୁଣା ଆକଟ
ଚିହ୍ନି ପାରୁନ୍ତ,
ହୁଡ଼ି ଯିବୁ ତ ହାରିଯିବୁ
ପଳାଇ ଗଲାଣି
ସେହି ସମୟ,
ରାସ୍ତା ତ ଠିକ୍
ସମସ୍ତେ ତ ଚାଲନ୍ତି
ଚାଲୁ ଚାଲୁ
ଝୁଣ୍ଟନ୍ତି
ଉଠନ୍ତି
ପୁଣି ଚାଲନ୍ତି
କାହିଁ ଥକି ନାହିଁ ତ
ଦେହ ଆଉ ମନ।
ପୁଣି ବିଭୋର
କାହିଁ ଧରିବାକୁ
ସେହି
କନକ ମୃଗ
ମାୟା ମରିଚ୍ଚା।

ଅଧ୍ୟକ୍ଷା,ହୋଲି ଜୀଶସ ବିଦ୍ୟାଳୟ
ଧାନ ମଣ୍ଡଳ, ବଡ଼ଚଣା, ଯାଜପୁର

## ନଈ

କବି କେଶବ ଚନ୍ଦ୍ର ନାୟକ



ମଲା ନଈଟିଏ ବରଷା ଧାରରେ
ଜୀଇଁବାକୁ କରେ ଚେଷ୍ଟା.....
ଶୁଖିଲା ପଡିଛି ତନୁଟି ତାହାର
ବାଲି ଉପଲର ଦୃଶା......!!
ଆଷାଢ଼ ଶ୍ରାବଣ ଏହି ଦୁଇ ମାସ
ବର୍ଷା ଋତୁ ଧରା ପୃଷ୍ଠ ?...
ନ ହେଲେ ବରଷା ମରୁଡି ଆଶଙ୍କା
ମରନ୍ତି ପ୍ରାଣୀଏ କଷ୍ଟେ...!!
ଉଚ୍ଚ ପରବତେ ହେଲେ ବୃଷ୍ଟିପାତ
ନିର୍ଝର ଝର୍ଝର ବହେ...
ପଥରର ବକ୍ଷ ଭେଦିଣ ନିର୍ଝର
ନିମ୍ନକୁ ନିମ୍ନକୁ ଯାଏ...!!
ଶୁଷ୍କ ନଈଟିଏ ଜଳ-ଗର୍ଭା ହୋଇ
ବହେ ପ୍ରଖର ସ୍ରୋତରେ.....
ବନ୍ୟା ରଚେ କେବେ
କେବେ ବହେ ଶାନ୍ତେ
ଜଳଧର ଇଙ୍ଗିତରେ...!!
ଶୁଖିଲା ନଈରେ ନାବ ପଡ଼ି ରହେ
ନାବିକର ବୃତ୍ତି ବନ୍ଦ....
ଭରା ନଦୀ ହେଲେ ଚାଲୁଥାଏ ଡଙ୍ଗା
ନାବିକ ମନ ଆନନ୍ଦ...!!
ଜଳ ପୂର୍ଣ୍ଣ ହେଲେ ମୀନ ବଂଶ ବୃଦ୍ଧି
ସରିତରେ କ୍ରୀଡେ ଝଷ...
ଶୁଷ୍କ ହେଲେ ନଦୀ ମତ୍ସ୍ୟ ବଂଶ ନାଶ
ମତ୍ସ୍ୟଜୀବୀ ବୃତ୍ତି ଶେଷ...!!
ସଲିଳରେ ପୂର୍ଣ୍ଣ ସରିତେ ସିନାନ
କରନ୍ତି ସକଳ ଜନ.....
ଜଳ ହେଲେ ଶୂନ୍ୟ ହୁଏ ଜନଶୂନ୍ୟ
ଅଲୋଡା ନିମ୍ନଗା ପୁଣ.....!!
ନଈ ପାଣି ଛାଣି ନିଅନ୍ତି ରମଣୀ
ପାନ କରି ତୃଷା ହରି....
ଶୁଷ୍କ ହେଲେ ନଈ ନଆସନ୍ତି କେହି
ନାମଟି ଚିତ୍ର ? ନ ସ୍ମରି...!!
ନଈକୁ ଶୋଭିତ ସ୍ୱଚ୍ଛ ନୀର ଧାର
ଆକର୍ଷଣ କରେ ମନ....
ଶୁଷ୍କ ନଦୀ ରୁକ୍ଷ ବୈଧବ୍ୟ ସଦୃଶ୍ୟ
ତିରସ୍କାର ସର୍ବ ଜନ....!!

ସଭାପତି ଉତ୍କଳ ସାହିତ୍ୟ ସଂସଦ
ମାଲକାନଗିର
ମୋନଂ:୯୪୩୭୭୭୯୪୪୭




# ଦଶବର୍ଷ ହେଲା ବିଛଣାରେ ରୋଗାକ୍ରାନ୍ତ ନିତ୍ୟାନନ୍ଦ: ଉନ୍ନତ ଚିକିତ୍ସା ପାଇଁ ଆକୁଳ ନିବେଦନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଂଚାୟତ ଅଂର୍ଗତ ଉତର ଶାସନ(ଖ) ଗ୍ରାମର ଯୁକ୍ତଦୁଇ ଛାତ୍ର ନିତ୍ୟାନନ୍ଦ ସାହୁ(୨୬) ଆଣ୍ଠୁଗଣ୍ଠି ବାତ ରୋଗରେ ପୀଡିତ। ୧୦ବର୍ଷ ହେଲା ବିଛଣାରେ ପଡି ଛଟପଟ ହେଉଛନ୍ତି। ନିତ୍ୟାନନ୍ଦଙ୍କୁ ଉନ୍ନତ ଚିକିତ୍ସାସେବା ଯୋଗାଇ ଦେବାପାଇଁ ପରିବାର ଲୋକ ଆକୁଳ ନିବେଦନ କରିଛନ୍ତି। ଖବର ମୁତାବକ,ଉତର ଶାସନ(ଖ) ଗ୍ରାମର ତନୁ ସାହୁଙ୍କ ବଡପୁଅ ନିତ୍ୟାନନ୍ଦ ୨୦୧୦ରେ ମାଟ୍ରିକ୍ ପାସ୍ କରିବା ପରେ ଧର୍ମଶାଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ପଢୁଥିଲେ । କଲେଜ୍ ଯିବାର ମାସ କେଇଟାରେ ସେ ଆଣ୍ଠୁଗଣ୍ଠି ବାତ ରୋଗରେ ଆକ୍ରା' ହୋଇଥିବା ଜଣାପଡିଥିଲା। ପରିବାର ଲୋକ ତାଙ୍କୁ ଧର୍ମଶାଳା ଡାକ୍ତରଖାନା ଠାରୁ ଆରମ୍ଭ କରି କଟକ ବଡ ମେଡିକାଲକୁ ନେଇ ଏକାଧିକ ଥର ଚିକିତ୍ସା କରାଇଛନ୍ତି । ହେଲେ ନିତ୍ୟାନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିନଥିଲା। ପରେ ତାଙ୍କୁ କଟକ ପତଳି ସେବାକେନ୍ଦ୍ର, ଚୌଦ୍ୱାର, ଭଟିମୁଣ୍ଡା, କବାଟବନ୍ଧ, ଚଣ୍ଡିଖୋଲ, ଜାରକା ଆଦି ବିଭିନ୍ନ ସ୍ଥାନରେ ଆର୍ୟୁବେଦିକ୍ ଓ ହୋମିଓପାଥିକ୍ ଚିକିତ୍ସା କରାଯାଇଥିଲା । ଏହାସତ୍ତ୍ୱେ ସେ ସୁସ୍ଥ ହୋଇ ପାରିଲେ ନାହିଁ। ଦିନକୁ ଦିନ ଅବସ୍ଥା ବିଗିଡିବାରେ ଲାଗିଲା। ଫଳରେ ନିତ୍ୟାନନ୍ଦଙ୍କ ପାଠ ପଢାରେ ମଧ୍ୟ ଡୋରି ବନ୍ଧା ହୋଇଗଲା । ବାପା ତନୁଆ ଜଣେ ଦିନ ମଜୁରିଆ ମାଙ୍କଡା ପଥର ହଣାଳି । ଦିନେ କାମ କଲେ ଦୁଇଦିନ କାମ ମିଳେନା । ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ କଷ୍ଟକର ହୋଇ ପଡୁଥିବା ବେଳେ ନିତ୍ୟାନନ୍ଦଙ୍କର ଚିକିତ୍ସା କରୁ କରୁ ଇତି ମଧ୍ୟରେ ସେ ସର୍ବସ୍ୱାଂ ହୋଇ ଗଲେଣି। ଯେଉଁ ବୟସରେ ପୁଅ ପରିବାର ବୋଝ ଉଠାଇବା କଥା ସେହି ବୟସରେ ସେ ପରିବାର ପାଇଁ ବୋଝ ପାଲଟି ଯାଇଛନ୍ତି । ଚଳ ପ୍ରଚଳ ତ' ଦୂରର କଥା,ଏବେ ସେ ବିଛଣାରୁ ଉଠି ପାରୁ ନାହାଁନ୍ତି । ପୁଅର ସେବା ଶୁଶ୍ରୁଷା କରୁଥିବା ମା' ଚଂଚଳା ସାହୁ ମଧ୍ୟ ଦୁଇ ବର୍ଷ ହେଲା ଆଉ ପାରିଲେ । ଘରେ କେବଳ ବୃଦ୍ଧ ବାପା ଓ ସାନଭାଇ ଗୌରାଙ୍ଗ ଅଛନ୍ତି । ଗୌରାଙ୍ଗ ଜାରକା ଛକରେ ଏକ କ୍ୟାବିନ୍‌ରେ ଛୋଟ ପାନ ଦୋକାନ କରି ପରିବାର ଚଳାଉ ଥିବା ବେଳେ ତାଙ୍କ ଠାରେ ମଧ୍ୟ ଏହି ରୋଗର ଲକ୍ଷଣ ଦେଖା ଦେଲାଣି । ଫଳରେ ବୋଝ ଉପରେ ନଳିତା ବିଡା ସଦୃଶ ଏହି ପରିବାରର ଭାଗ୍ୟ ଏବେ ଅନ୍ଧକାର ଆଡକୁ ଠେଲି ହୋଇଯାଇଛି । ଚୂଲୀ ଉପରକୁ ଚାଉଳ ହାଣ୍ଡି ଉଠିବା କଷ୍ଟକର ହୋଇପଡିଛି । ଓଳିଏ ଖାଇଲେ ଆର ଓଳିକୁ ଉପାସ । ଏମିତି ଦୟନୀୟ ଅବସ୍ଥାରେ ଚଳୁଥିବା ଜାଣି ଗ୍ରାମର କେତେକ ଯୁବକ ସ୍ଥାନୀୟ ଗାଁ ଗୁଡିକରୁ ଅର୍ଥ ମାଗଣ କରିଛନ୍ତି । ସେହିପରି ନିତ୍ୟାନନ୍ଦଙ୍କ ଦୁର୍ଦ୍ଦଶା ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ରାୟ ୫ହଜାର ଟଙ୍କା ଏବଂ ଜାରକାର ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଂପାଦକ ହିମାଂଶୁ ଶେଖର ସାହୁ ୧୫୦୦ ଟଙ୍କା ଓ ଏକମାସ ପାଇଁ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି । ଉନ୍ନତ ଚିକିତ୍ସା ପାଇଁ ଅନ୍ୟୁନ ୧୦ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି । ପେଟକୁ ମୁଠେ ଦାନା ଯୋଗାଡ କରି ପାରୁ ନଥିବା ପରିବାର ଲୋକ ପୁଅର ଚିକିତ୍ସା ପାଇଁ ଏତେ ଟଙ୍କା କେଉଁଠୁ ଆଣିବେ ତାହା ମୁଣ୍ଡବ୍ୟଥାର କାରଣ ପାଲଟିଛି। କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏଭଳି ଅସହାୟ ପରିବାରକୁ ସାହାଯ୍ୟ କରିବା ପାଇଁ ମୋବାଇଲ ନଂ-୮୬୫୮୨୪୦୭୦୭ରେ ଯୋଗାଯୋଗ କରିପାରିବେ କିମ୍ବା ଜାରକା ଷ୍ଟେଟ୍ ବ୍ୟାଙ୍କ୍ ଶାଖାରେ ଥିବା ନିତ୍ୟାନନ୍ଦ ସାହୁଙ୍କ ଆକାଉଣ୍ଟ୍ ନଂ-୩୪୭୨୬୦୮୪୧୬୭ରେ ଅର୍ଥ ସହାୟତା ପ୍ରଦାନ କରିବାକୁ ସେମାନଙ୍କ ବନ୍ଧୁ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି । ଏଥିସହ ରୋଗାକ୍ରାନ୍ତ ନିତ୍ୟାନନ୍ଦଙ୍କୁ ତୁରନ୍ତ ଉନ୍ନତ ଚିକିତ୍ସାସେବା ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦକ୍ଷେପ ଗ୍ରହଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ଯୋଡା (ପିଏନ୍): ଯୋଡା ପୌରାଞ୍ଚଳ ଅଧିନସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁନ୍ଦୁରୁନାଲାଠାରେ ଗତ ୮ ତାରିଖ ଦିନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ହୀରାକୁଦ କଲୋନୀ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପତି ମୁଖ୍ୟଅତିଥି, ରିମୁଳି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଭୀମସେନ ମହନ୍ତ ମୁଖ୍ୟ ବକ୍ତା ଏବଂ ବିଦ୍ୟାଳୟର ସମ୍ପାଦକ ସୁଶାଂ କୁମାର ବେବର୍ତ୍ତାଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ ବିଜ୍ଞାନର ଉପାଦେୟତା ଓ ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରୟୋଗ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ବକ୍ତବ୍ୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି ମେଳାରେ ମୋଟ ୨୪୦ ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏହି ପ୍ରକଳ୍ପର ମୂଲ୍ୟାୟନ ନିମନ୍ତେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ବିଜ୍ଞାନ ଶିକ୍ଷକ କର୍ଣ୍ଣ ମହାନ୍ତ, ସୁଭାଶିଷ ଦାଶ ଓ ଶିକ୍ଷୟତ୍ରୀ କମଳା ଦେହୁରୀ ପ୍ରମୁଖଙ୍କୁ ବିଚାରକ ଭାବେ ବିଦ୍ୟାଳୟ ତରଫରୁ ନିଯୁକ୍ତି କରାଯାଇଥିଲା । କୁନି କୁନି ଛାତ୍ରଛାତ୍ରୀ ମାନଙ୍କର ପ୍ରକଳ୍ପ ଗୁଡିକୁ ଅଭିଭାବକ ଓ ଅଭିଭାବିକାମାନେ ଦେଖି ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀକୁ ପ୍ରଶଂସିତ କରିବା ସହିତ ଆଗାମୀ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହୋଇ ପାରିବେ ବୋଲି ସେମାନଙ୍କୁ ପ୍ରେରଣା ଦେଇଥିଲେ । ଏହି ବିଜ୍ଞାନ ମେଳା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହେବା ସହିତ ଭବିଷ୍ୟତ ଜୀବନରେ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଂଚାଇବା ପାଇଁ ଏ ମେଳା ସହାୟକ ହେବବୋଲି ବିଚାରକ ତଥା ଶିକ୍ଷକ ଶିକ୍ଷୟତ୍ରୀମାନେ ପିଲା ମାନଙ୍କ ମନୋବଳକୁ ବୃଦ୍ଧି କରାଇଥିଲେ । ଉଦ୍‌ଯାପନୀ ସମାରୋହରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ୍ ପ୍ରଧାନ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏହି ବିଜ୍ଞାନ ମେଳାକୁ ସଫଳ କରିବା ନିମଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ମହନ୍ତ, ଅମୂଲ୍ୟ ସ୍ୱାଇଁଙ୍କ ସମେତ ଗୁରୁଜୀ ଗୁରୁମା, ସେବକ, ସେବିକା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ପ୍ରସିଦ୍ଧ ଶିଳ୍ପପତି ଓ.ପି. ଜିନ୍ଦଲଙ୍କ ୯୨ତମ ଜନ୍ମବାର୍ଷିକୀ ମହାସମାରୋହରେ ପାଳିତ

ଯୋଡା (ପିଏନ୍): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ପ୍ରତିଷ୍ଠାତା ଶ୍ରୀ ଓ.ପି. ଜିନ୍ଦଲଙ୍କ ୯୨ତମ ଜନ୍ମ ବାର୍ଷିକୀ ୭ ଅଗଷ୍ଟ ୨୦୨୨ରେ ଜେଏସ୍‌ପି ଗ୍ରୁପ୍ ବଡବିଲ ପେଲେଟ୍ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ୍ ମାଇନ୍ସରେ ପାଳନ କରାଯାଇଥିଲା । ସମସ୍ତ ୟୁନିଟ୍ ମୁଖ୍ୟ, ବରିଷ୍ଠ କାର୍ଯ୍ୟ ନିର୍ବାହୀ, କର୍ମଚାରୀ ଏବଂ ସହଯୋଗୀମାନେ ପ୍ରତିଷ୍ଠାତା ଚେୟାରମ୍ୟାନ୍ ତଥା ପ୍ରଖ୍ୟାତ ଶିଳ୍ପପତି ଶ୍ରୀ ଓ.ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଦିନିକିଆ ଆଧ୍ୟାତ୍ମିକ,ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବଡବିଲ ପେଲେଟ ପ୍ଲାଣ୍ଟରେ ଶ୍ରୀ ଓ.ପି.ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦିନ ଆରମ୍ଭ ହୋଇଥିଲା । ପରେ ଟାଉନସିପ୍ ମନ୍ଦିରରେ ଆୟୋଜିତ ପୂଜା ଏବଂ ଯଜ୍ଞ କାର୍ଯ୍ୟକ୍ରମ ୟୁନିଟ୍ ମୁଖ୍ୟ, ଅନ୍ୟ ବରିଷ୍ଠ କାର୍ଯ୍ୟ ନିର୍ବାହୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ । ରାତିରେ ଟିମ୍ ପେଲେଟ୍ ପ୍ଲାଣ୍ଟ ଦ୍ୱାରା ଏକ ମେଗା ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା । କୋଭିଡ୍ ମହାମାରୀ ହେତୁ ଗତ ଦୁଇବର୍ଷ ଧରି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସମ୍ଭବ ହୋଇପାରି ନଥିଲା । ତେଣୁ ଗତ ବର୍ଷର ସମସ୍ତ ପୁରସ୍କୃତ ହେବାକୁ ଥିବା ବ୍ୟକ୍ତିଙ୍କୁ ଏଥିରେ ସାମିଲ କରିବା ପାଇଁ ଏହି ବର୍ଷର କାର୍ଯ୍ୟକ୍ରମକୁ ବୃହତ ସ୍ତରରେ ଆୟୋଜନ କରାଯାଇଥିଲା । ଜେଏସ୍‌ପି କର୍ମଚାରୀଙ୍କ ବ୍ୟତୀତ ଯୋଡା, ବଡବିଲ ଖଣି ଅଂଚଳରେ ଅବସ୍ଥିତ ଅନ୍ୟ ଶିଳ୍ପ ଗୁଡିକର ବରିଷ୍ଠ କାର୍ଯ୍ୟ ନିର୍ବାହୀ ମାନଙ୍କୁ ମଧ୍ୟ ଏହି ଉତ୍ସବେର ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଥିଲା । କେନ୍ଦୁଝର ଜିଲ୍ଲାର ୧୬ଜଣ ଖେଳାଳୀ ଯେଉଁମାନେ ଜାତୀୟ ସ୍ତରରେ କ୍ରୀଡା ଇଭେଣ୍ଟରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ସେଏସ୍‌ପିଏଲ୍ ଫାଉଣ୍ଡେସନ ଦ୍ୱାରା ଆଦିବାସୀ ବିକାଶ ସମିତି ଠାରେ ସେମାନଙ୍କୁ ଅଭିବାଦନ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା,ୟୁନିଟ୍ ହେଡ୍ ଏବଂ ସିଏସ୍‌ଆର ଭର୍ଜେଲା ଲାକ୍ରା ଉପସ୍ଥିତ ଥିଲେ । ପ୍ରତିଷ୍ଠାତା ଦିବସ ମଧ ଜିନ୍ଦଲ ସ୍କୁଲ, ବଡବିଲରେ ଜୋରସୋରର ପାଳନ କରାଯାଇଥିଲା । ପ୍ରଧାନଶିକ୍ଷୟିତ୍ରୀ, ଛାତ୍ର ଏବଂ ସେମାନଙ୍କ ପିତାମାତାଙ୍କ ସମେତ ସମସ୍ତ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ର ମାନଙ୍କ ଦ୍ୱାରା ଗୀତ ଏବଂ ନୃତ୍ୟ ପରିବେଷିତ ହୋଇଥିଲା । ୯୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କାସିଆ ଆଇରନ୍ ସାଇନ୍ସ ଓ.ପି. ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଏବଂ ଏହାର ପାରିପାର୍ଶ୍ୱିକ ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମାନ୍ୟବର ବିଧାୟକ ବଣାଇ ଲକ୍ଷ୍ମଣ ମୁଣ୍ଡା ଏବଂ ଉପଜିଲ୍ଲାପାଳ ବଣାଇ ସୁରନ କୁମାର ସାହୁ, ପ୍ରମୋଦ କୁମାର ପାତ୍ର, ୟୁନିଟ୍ ମୁଖ୍ୟ ଏବଂ ଆଖପାଖ ଗ୍ରାମ ପଂଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ପୁରସ୍କାର ବିତରଣ ସମାରୋହରେ ଯୋଗ ଦେଇଥିଲେ । ସକାଳେ ୟୁନିଟ୍ ହେଡ୍ ଶ୍ରୀ ପାତ୍ର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଟାଇନ୍‌ସିପ୍ ମନ୍ଦିରରେ ପୂଜା ଓ ଯଜ୍ଞ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ପ୍ରସିଦ୍ଧ ଶିଳ୍ପପତି ଓ.ପି. ଜିନ୍ଦଲଜୀଙ୍କୁ ତାଙ୍କ ୯୨ତମ ଜନ୍ମବାର୍ଷିକୀରେ କାସିଆ ଆଇରନ୍ ମାଇନ୍ସ କର୍ମଚାରୀମାନେ ସ୍ମରଣ କରିଥିଲେ । ବରିଷ୍ଠ ଅଧିକାରୀଙ୍କ ସହ ୟୁନିଟ୍ ମୁଖ୍ୟ ଶ୍ରୀ ଅଜିତ୍ ପାତ୍ର, ସମସ୍ତ ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟ ଟାଉନ୍‌ସିପ୍‌ରେ ଥିବା ମନ୍ଦିରରେ ଅନୁଷ୍ଠିତ ସ୍ୱତନ୍ତ୍ର ପୂଜା ଏବଂ ଯଜ୍ଞ ସମାରୋହରେ ଅଂଶଗ୍ରହଣ କରିଥିଲେ ।

# କେନ୍ଦୁଝର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ଗତ ଜୁଲାଇ ମାସରେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୧୦୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୩ଟି ଅଭିଯୋଗର ତୁର' ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୩୧ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୭୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଯଦୁମଣି ମହଲା, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଡେପୁଟି କଲେକ୍ଟର (ଆପତକାଳୀନ) ସୁରିକା ବେହେରା ଏବଂ ଆସିଷ୍ଟାଂଟ୍ କଲେକ୍ଟର ସୁଚିସ୍ମିତା ଦାଶଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ରେଡ୍‌କ୍ରସ୍‌ରୁ ସହାୟତା ପାଇଁ ୧୧ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା

# ରାଜ୍ୟ ସୀମା ସମସ୍ୟା ତଥ୍ୟ ସରକାରଙ୍କ ପାଖରେ ରହୁନାହିଁ କିପରି ?

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ସୀମା ସମସ୍ୟା ସମ୍ପର୍କରେ ତଥ୍ୟ କେନ୍ଦ୍ର ସରକାରଙ୍କର ପାଖରେ ନାହିଁ ବୋଲି ଗତବର୍ଷ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ମାନ୍ୟବର କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସମାଲୋଚନାର ଶିକାର ହୋଇଥିଲେ । ରାଜ୍ୟ ବିଧାନସଭାରେ ସେହିଭଳି ଆଉ ଏକ ଦୁଃଖଦାୟକ ଉତ୍ତର ମିଳିଛି । ଖଣ୍ଡପଡା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଆନ୍ଧ୍ରର ନୂତନ ଜିଲ୍ଲା ଗଠନରେ ଓଡିଶାର ସୀମାନ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ କରାଇବା ସହିତ ଆମ ରାଜ୍ୟ ସୀମା ଭିତରେ ଆନ୍ଧ୍ର ସରକାର ଲୋଭନୀୟ ଯୋଜନା କରି ଲୋକଙ୍କୁ ଆକର୍ଷିତ କରୁଥିବା କଥା ସରକାରଙ୍କର ଦୃଷ୍ଟିଗୋଚର ହୋଇନାହିଁ ବୋଲି କହିବା ଦାୟିତ୍ୱହୀନତା ଭଳି ଲାଗୁଛି । ଉତ୍କଳ ସମ୍ମିଳନୀ ଏହାକୁ ବିରୋଧ କରିବା ସହିତ ସୀମା ସମସ୍ୟାକୁ ହାଲୁକା ଭାବରେ ନିଆଯାଇପାରିବ ନାହିଁ ବୋଲି ସମ୍ମିଳନୀର ମଞ୍ଜେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ରାଜ୍ୟ ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ କରନ୍ତୁ ଓ ସୀମାନ୍ତ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ସହିତ ତୁରନ୍ତ ଏହାର ସମାଧାନ କରନ୍ତୁ ବୋଲି ଉତ୍କଳ ସମ୍ମିଳନୀ ଦାବି କରୁଛି ।

# ଜେଏସ୍‌ପିଏଲ୍ ଫାଉଣ୍ଡେସନ ଦ୍ୱାରା ଯୋଡା ଏବଂ ବଡବିଲ ମାଇନ୍ସ ଅଞ୍ଚଳରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ

ଯୋଡା (ପିଏନ୍): ସମାଜର ସାମଗ୍ରୀକ ବିକାଶ ପାଇଁ ମହିଳା ସଶକ୍ତିକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଉକ୍ତିକୁ ଆଧାର କରି ଜେଏସ୍‌ପିଏଲ ଫାଉଣ୍ଡେସନ ଯୋଡା ଓ ବଡବିଲ ଅଂଚଳରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ଆୟୋଜନ କରିଛି । ଗ୍ରାମାଞ୍ଚଳ ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗୀ ଭାବନା ସୃଷ୍ଟି କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉକ୍ତ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମର ଲକ୍ଷ୍ୟ । ଭଦ୍ରାସାହି ଏବଂ ସେରେଣ୍ଡା ଗ୍ରାମପଂଚାୟତର ୧୨୫ରୁ ଅଧିକ ଏସ୍‌ଏଚ୍‌ଜି ମହିଳା ନେତ୍ରୀ 'ସାମାଜିକ ପରିବର୍ତ୍ତନରେ ମହିଳାଙ୍କ ଭୂମିକା' ବିଷୟବସ୍ତୁକୁ ନେଇ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଦକ୍ଷତା ବିକାଶ କର୍ମଶାଳା, ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ସ୍ୱୟଂ ସହାୟକ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ମହିଳା ଏସ୍‌ଏଚ୍‌ଜି ମହିଳା ମାନଙ୍କ ମଧ୍ୟରେ ଉଦାହରଣୀୟ ପରିବର୍ତ୍ତନ ଆଣିପାରିଛି । ବିଭିନ୍ନ ପ୍ରକାର ଖେଳ ଏବଂ ଗୋଷ୍ଠୀ ଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ମାନଙ୍କୁ ନେତୃତ୍ୱ ଓ ସହଭାଗିତା ଶିକ୍ଷା ଦିଆଯାଇଥିଲା । ମହିଳା ଅଂଶଗ୍ରହଣକାରୀଙ୍କୁ ଏସ୍‌ଏଚ୍‌ଜି ପରିଚାଳନା, କ୍ଷୁଦ୍ର ବ୍ୟବସାୟ ବିକାଶ ମଡ୍ୟୁଲ, ବିକ୍ରୟ, ମାର୍କେଟିଂ ଦକ୍ଷତା ଏବଂ ଡିଜିଟାଲ ପେମେଣ୍ଟ ସିଷ୍ଟମ୍ ଉପରେ ତାଲିମ୍ ଦିଆଯାଇଥିଲା । ଯୋଡା ବ୍ଲକର ପ୍ରୋଗ୍ରାମ ମ୍ୟାନେଜର (ଓଡିଶା ଜୀବୀକା ମିଶନ) ଦିବାକର ମାଝୀ ଏସ୍‌ଏଚ୍‌ଜି ନେତାମାନଙ୍କୁ ସରକାରଙ୍କ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କଲ୍ୟାଣ ଭିତ୍ତିକ ଯୋଜନା ଏବଂ ଏହିସବୁ ଯୋଜନାର ଲାଭ ପାଇବା ପାଇଁ ଥିବା ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ । ଶ୍ରୀ ଭରଜିଲ ଲାକ୍ରା, ଡିଜିଏମ୍ ଏବଂ ଜେଏସ୍‌ପିଲ ବଡବିଲର ସିଏସ୍‌ଆର ମୁଖ୍ୟ ଏହି ଦକ୍ଷତା ବିକାଶ କର୍ମଶାଳାର ଆବଶ୍ୟକତା ଏବଂ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ସ୍ଥାନୀୟ ଉତ୍ପାଦର ମାର୍କେଟିଂ ଚ୍ୟାନେଲ ଏବଂ ଡିଜିଟାଲ ପେମେଣ୍ଟ ସିଷ୍ଟମର ବ୍ୟବହାର କରିବାର ଆବଶ୍ୟକତା ଉପରେ ଶ୍ରୀ ଲାକ୍ରା ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଏବଂ ଇଂ ଜେ.ଡି.ସିନ୍ଧୁ, ସେରେଣ୍ଡା ସରପଞ୍ଚ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରାସାହି ସରପଞ୍ଚ ଶ୍ରମତୀ ପ୍ରମିଳା ନାୟକ, ପିଏସ୍ ସଦସ୍ୟ ତଥା ଅନ୍ୟ ଗ୍ରାମର ନେତାମାନେ ଉପସ୍ଥିତ ଥିଲେ । ଜେଏସ୍‌ପିଏଲର ସିଏସ୍‌ଆର ଅଧିକାରୀ ଯଦୁମଣୀ ମହାଂ, ବିକାଶ ଲାଗୁରୀ ଏବଂ ରାଜୀବ ଉପାଧ୍ୟାୟ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନରେ ନିୟୋଜିତ ଥିଲେ । ସେରେଣ୍ଡା ଗ୍ରାମର ଶ୍ରୀମତୀ ସୁମିତ୍ରା ପାତ୍ରହ୍କ ମତରେ ଏହି ପ୍ରଶିକ୍ଷଣରେ ଛୋଟ ବ୍ୟବସାୟ ଚଳାଇବାରେ ବ୍ୟବହାରିକ ପ୍ରୟୋଗ ଏବଂ ଅନ୍ୟାନ୍ୟ ଉପାଦାନ ସମ୍ବନ୍ଧରେ ତାଲିମ୍ ଦିଆଯାଇଥିଲା । ମୁଁ ଅନେକ ଜିନିଷ ଶିଖିଛି ଏବଂ ଏହିପରି ତାଲିମ୍ କାର୍ଯ୍ୟକ୍ରମ ଦ୍ୱାରା ମୋ ଭଳି ମହିଳାମାନେ ଉପାର୍ଜନ କରିବା ସହ ଆତ୍ମନିର୍ଭରଶୀଳ ହୋଇ ନିଜ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ପାରିବେ ।

# ବିବାହବାର୍ଷିକୀରେ ରକ୍ତଦାନ ଶିବିର



ଭୁବନେଶ୍ୱର (ପିଏନ୍): ରକ୍ତଦାନ, ମହାପୁଣ୍ୟ। ଏହି ଉକ୍ତିକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ଏବେ ସ୍ମାର୍ଟନଗରୀ ଭୁବନେଶ୍ୱରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି ୬୫ ବର୍ଷୀୟ ଗୋପୀମୋହନ ପଟ୍ଟନାୟକ। ସେଞ୍ଚୁରିୟାନ୍ ବ୍ଲଡ୍ ଡୋନର ଭାବେ ରାଜ୍ୟରେ ସେ ବେଶ୍ ଜଣାଶୁଣା। ପ୍ରତିବର୍ଷ ପରି ଚଳିତବର୍ଷ ଜୁଲାଇ ମାସ ୪ ତାରିଖରେ ଗୋପୀମୋହନ ଓ ତାଙ୍କ ଧର୍ମପତ୍ନୀ ଆଶାଲତାଙ୍କ ୩୧ତମ ବିବାହ ବାର୍ଷିକୀ ଉତ୍ସବ ଅବସରରେ ୟୁନିଟ୍-୬ସ୍ଥିତ ଗଙ୍ଗନଗର କମ୍ୟୁନିଟି ହଲ୍ ପରିସରରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ ଗହଣରେ ଆୟୋଜିତ ପାରିବାରିକ ରକ୍ତଦାନ ଶିବିରରେ ଗୋପୀମୋହନ ନିଜେ ୧୬୬ ଥର ପାଇଁ ରକ୍ତଦାନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ, ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ଗୋପୀମୋହନ ରକ୍ତଦାନକୁ ଏକ ଜନଆନ୍ଦୋଳନରେ ପରିଣତ କରି ରାଜ୍ୟର ବିଭିନ୍ନ ରକ୍ତଭଣ୍ଡାରକୁ ପାଖାପାଖି ୧ ଲକ୍ଷରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ଦାନ କରିଥିବାର ଜଣାପଡ଼ିଛି। ରକ୍ତ ଅଭାବରୁ କେହି ଯେ ମୃତ୍ୟୁ ମୁଖରେ ନ ପଡନ୍ତୁ ଏ ସଂକଳ୍ପ ନେଇ ୧୯୭୮ ମସିହାରେ ସେ ନିଜେ ପ୍ରଥମେ ରକ୍ତଦାନ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବ୍ୟକ୍ତିବିଶେଷମାନଙ୍କୁ ସାମିଲ୍ କରି ଅଦ୍ୟାବଧି ଏ ଆନ୍ଦୋଳନକୁ ଜାରି ରଖିଛନ୍ତି। ରକ୍ତଦାନକୁ ବ୍ୟାପକ କରିବା ପାଇଁ ୨୦୦୪ ମସିହାରେ ରାଜ୍ୟରେ ପ୍ରଥମେ ନିଜ ପିରବାରରୁ ଆରମ୍ଭ କରିଛନ୍ତି ପାରିବାରିକ ରକ୍ତଦାନ ଶିବିର। ଯାହା ବାସ୍ତବିକ ପ୍ରଶଂସନୀୟ। ଆଜିର ଆୟୋଜିତ ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ରୂପେ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର ଏବଂ ସ୍ଥାନୀୟ କର୍ପୋରେଟର ଶ୍ରୀଧର ବେହେରା ଉଦ୍‌ଘାଟନ କରିଥିଲେ। ଶିବିରକୁ ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ରଞ୍ଜନ ଦାସ, ବସନ୍ତ ସାମଲ, କୈଳାସ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରୁ ମୋଟ୍ ୩୧ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇ କ୍ୟାପିଟାଲ ହସ୍ପିଟାଲସ୍ଥିତ ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଥିଲା।

# ସ୍ୱଚ୍ଛତା ପାଇଁ ସଂକଳ୍ପ: ନଖ କଟାରୁ ଆରମ୍ଭ ହେଲା ସ୍ୱଚ୍ଛତା ଅଭିଯାନ



ଭୁବନେଶ୍ୱର (ପିଏନ୍): ବିଦ୍ୟାର୍ଥୀମାନଙ୍କ ନଖ କଟାରୁ ଆରମ୍ଭ ହେଲା ସ୍ୱଚ୍ଛତା ଅଭିଯାନ। ଯାହା ଦେଖିବାକୁ ମିଳିଛି ସ୍ମାର୍ଟନଗରୀ ଭୁବନେଶ୍ୱର ଉପକଣ୍ଠ ଜଙ୍ଗଲଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଲେଇରେ। ସୂଚନାଯୋଗ୍ୟ, ବିଦ୍ୟାଳୟକୁ ପାଠ ପଢିବାକୁ ଆସୁଥିବା ପ୍ରାୟ ବିଦ୍ୟାର୍ଥୀମାନେ ସ୍ୱଚ୍ଛତା ଠାରୁ ନିଜକୁ ବହୁ ଦୂରରେ ରଖୁଥିଲେ। କାହାର ନଖ ବଢି ଲମ୍ବା ହୋଇଗଲାଣି ତ ଆଉ କାହା ନଖରେ ମଇଳା ଭର୍ତ୍ତି, ଆଉ କାହାର ଚୁଟି ଲମ୍ବା ହୋଇଗଲାଣି ତ ଆଉ କାହାର ପୋଷାକ ମଇଳାରେ ଜୁତୁବୁତୁ ହୋଇ ଦୁର୍ଗନ୍ଧ ବାହାରିଲାଣି। ବିଦ୍ୟାର୍ଥୀମାନଙ୍କର ଏତାଦୃଶ ଅବସ୍ଥା ଦେଖି ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ପର୍ଯ୍ୟାୟରେ ନଖ କଟାରୁ ଶୁଭାରମ୍ଭ ହୋଇଛି ସ୍ୱଚ୍ଛତା ଅଭିଯାନ। ଉଭୟ ବିଦ୍ୟାର୍ଥୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଏଥିରେ ସାମିଲ୍ କରାଯାଇ ନଖକୁ କିପରି ନେଲ୍ କଟର ସାହାଯ୍ୟରେ ସହଜରେ କଟାଯାଏ ସେ ସମ୍ପର୍କରେ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ସାମାଜିକ କର୍ମୀମାନେ ବୁଝାଇଥିଲେ। ସର୍ବଦା ନିଜକୁ କିପରି ପରିଷ୍କାର ଓ ପରିଚ୍ଛନ୍ନ ରଖିବେ ସେ ସମ୍ପର୍କରେ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାକୁ ନିୟମିତ ରୂପେ ଶିକ୍ଷକ ଓ ଅଭିଭାବକମାନେ ଅନୁଧାନ କରିବା ନିମନ୍ତେ ସାମାଜିକ କର୍ମୀମାନେ ଅନୁରୋଧ କରିଥିଲେ। ଶେଷରେ ଅଭିଭାବକ ଓ ବିଦ୍ୟାର୍ଥୀମାନେ ସର୍ବଦା ପରିଷ୍କାର ଓ ପରିଚ୍ଛନ୍ନ ରହିବା ପାଇଁ ସଂକଳ୍ପ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ସନ୍ତୋଷୀ ଜୈନ, ରାମଚନ୍ଦ୍ର ସାହୁ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଉକ୍ତ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

# ବରିଷ୍ଠ ପ୍ରଶାସକଙ୍କ ଆକସ୍ମିକ ବିୟୋଗ



ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାରଙ୍କ ପୂର୍ବତନ ଓଡ଼ିଶା ପ୍ରଶାସନିକ ଅଧିକାରୀ ତଥା ସମାଜସେବୀ ଅର୍ଜୁନ ସାହୁଙ୍କ ହୃଦ୍‌ଘାତ ଜନିତ କାରଣରୁ ୬୯ ବର୍ଷ ବୟସରେ ଆକସ୍ମିକ ବିୟୋଗ ଘଟିଛି। ସ୍ୱର୍ଗତଃ ସାହୁ ୧୯୫୩ ମସିହାରେ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁରେ ଭୂମିଷ୍ଠ ହୋଇଥିଲେ। ସେ ଜଣେ ଅତ୍ୟନ୍ତ ସରଳ, ମେଳାପୀ, ନିଷ୍ଠାପର, ଦକ୍ଷ ତଥା ସମାଜସେବୀ ଭାବେ ପରିଚିତ ଥିଲେ। ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଛି। ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସମାପନ ହେବା ସହ ଜ୍ୟେଷ୍ଠପୁତ୍ର ରବିନାରାୟଣ ସାହୁ ମୁଖାଗ୍ନି ପ୍ରଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ସ୍ୱର୍ଗତଃ ସାହୁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଭାବେ ବିଭିନ୍ନ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଆତ୍ମୀୟସ୍ୱଜନ ତଥା ବହୁ ବିଶିଷ୍ଟ ବ୍ୟକ୍ତି ପୁରୀ ସ୍ୱର୍ଗଦ୍ୱାର ଯାଇ ଶେଷ ଦର୍ଶନ କରିଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ନେଦରଲ୍ୟାଣ୍ଡସରେ ମହାସମାରୋହରେ ରଥଯାତ୍ରା ଆୟୋଜନ



ଆଲମେରେ, (ପି.ଏନ): ନେଦରଲ୍ୟାଣ୍ଡସର ଆଲମେରେ ନଗରରେ ମହାସମାରୋହରେ ରଥ ଯାତ୍ରା ଉତ୍ସବ ପାଳନ କରାଯାଇଛି। ଓଡ଼ିଆ ସୋସିଓ କଲଚରାଲ ଆସୋସିଏସନ, ନେଦରଲ୍ୟାଣ୍ଡସ (ଓସକାନ) ଦ୍ୱାରା ଏହି ରାଷ୍ଟ୍ରରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିବା ଘୋଷଯାତ୍ରା ମହୋତ୍ସବକୁ କେନ୍ଦ୍ର କରି ଉଭୟ ସଂଗଠକ ଓ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ, ଅସୀମ ଉନ୍ମାଦନା ଏବଂ ଅଫୁରନ୍ତ ଉଦ୍ଦୀପନା ଦେଖାଦେଇଥିବା ଲକ୍ଷ୍ୟ କରାଯାଇଥିଲା। ଏହି ଅବସରରେ ନେଦରଲ୍ୟାଣ୍ଡସର କୋଣ ଅନୁକୋଣରୁ ଶତାଧିକ ଓଡ଼ିଆ ଏବଂ ଅଣଓଡ଼ିଆ ଭକ୍ତ ସେମାନଙ୍କର ପରିବାରବର୍ଗ ଓ ବନ୍ଧୁପରିଜନଙ୍କ ସହିତ ଆସି ବଢ଼ି ଚଢ଼ିକି ରଥ ଟଣା ଏବଂ ଭଜନ କୀର୍ତ୍ତନରେ ଭାଗ ନେବାର ଦୃଶ୍ୟ ହୃଦୟସ୍ପର୍ଶୀ ଥିଲା। ରଥଯାତ୍ରା ଦିନ ସକାଳେ ଆଲମେରେର ଆଉଦ୍ରେ ହେପବର୍ଣ୍ଣ ସ୍ୱାଟଠାରେ ବିରାଜମାନ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ସାମ୍ନାରେ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଏହାପରେ ଠାକୁର ମାନଙ୍କୁ ରଥ ଉତ୍ସବର ସ୍ଥଳ ଦି ରୁଇମଟ ପ୍ରେକ୍ଷାଳୟକୁ ଅଣାଯାଇଥିଲା। ଏହି ଉପଲକ୍ଷେ ସଭାଗୃହକୁ ରଙ୍ଗବେରଙ୍ଗର ପିପିଲି ଚାନ୍ଦୁଆ, ବିଭିନ୍ନ ପ୍ରକାର ଫୁଲ, ଆମ୍ବପତ୍ର, ଚିତା, ମୁରୁଜ ଦ୍ୱାରା ଅତ୍ୟନ୍ତ ଚିତ୍ତାକର୍ଷକ ଭାବେ ସଜ୍ଜାଯାଇଥିଲା। ସମଗ୍ର ପରିବେଶଟି ଆଧ୍ୟାତ୍ମିକ ଓ ଭକ୍ତିପୂତ ଉଚ୍ଛ୍ୱାସରେ ଭରି ଉଠିଥିଲା। ଦିଅଁମାନଙ୍କୁ ପ୍ରେକ୍ଷାଳୟର ମଧ୍ୟ ଭାଗରେ ଶୋଭାପାଉଥିବା ସୁନ୍ଦର ଓ ସୁସଜ୍ଜିତ ରଥ ଉପରକୁ ଧାଡୀ ପହଣ୍ଡି କରି ନିଆଯାଇଥିଲା। ଉପସ୍ଥିତ ଦର୍ଶକ ମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦ୍ୟୁମନ୍ଦ ଆବାଜରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା।ଏହାପରେ ରଥ ଉପରେ ଜୀଉ ମାନଙ୍କର ଆରତୀ ଅନୁଷ୍ଠିତ ହୋଇଥିଲା। ଦିନ ସାଢେ ୧୨ଟା ସମୟରେ ବହୁ ଆକାଂକ୍ଷିତ ଓ ଦୀର୍ଘ ପ୍ରତିକ୍ଷିତ ରଥଟଣା ପର୍ବ ଆରମ୍ଭ ହୋଇଥିଲା। ମହାବାହୁ ତଥା ତାଙ୍କର ଭାଇ ଓ ଭଉଣୀ ବିଜେ କରିଥିବା ରଥଟିକୁ ଅଡିଟୋରିୟମର ଚତୁର୍ପାଶ୍ୱରେ ଦୀର୍ଘ ଏକ କିଲୋମିଟର ପରିଧି ମଧ୍ୟରେ ବୁଲାଯାଇ ପୁଣି ଉତ୍ସବ ସ୍ଥାନକୁ ଫେରାଇ ଅଣା ଯାଇଥିଲା। ନେଦରଲ୍ୟାଣ୍ଡସର ରାଜରାସ୍ତାରେ ରାଜକୀୟ ଠାଣିରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ରଥ ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା। ଏହି ଅବସରରେ ହେଗସ୍ଥିତ ଭାରତୀୟ ଦୂତାବାସର ଡେପୁଟି ଚିଫ୍ ମିଶନ ଶ୍ରୀ ଜିନ୍ମ ମଓମ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପାରମ୍ପାରିକ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ରଥଯାତ୍ରା ଉତ୍ସବ ଉପଲକ୍ଷେ ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଜଗନ୍ନାଥ ଭଜନ ଓ ଓଡ଼ିଆ ସଙ୍ଗୀତଗାୟନ, ଓଡ଼ିଶୀ ଓ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ ତଥା ଶିଶୁ କଳାକାରମାନଙ୍କ ଦ୍ୱାରା ବାଦ୍ୟ ଯନ୍ତ୍ର ପରିବେଷଣ ଆଦି ଖୁବ ମନୋରଞ୍ଜକ ଥିଲା। ଓସକାନର ସଦସ୍ୟ ମାନଙ୍କ ଦ୍ୱାରା ମଞ୍ଚସ୍ଥ ଭକ୍ତର ଭଗବାନ - ଦାସିଆ ବାଉରୀ ନାଟକରେ କଳାକାର ମାନଙ୍କର ଅଭିନୟ ଖୁବ ଜୀବନ୍ତ ଓ ନିଖୁଣ ଥିଲା ତଥା ଦର୍ଶକମାନଙ୍କୁ ଭାବବିହ୍ୱଳ କରିଦେଇଥିଲା। ଜଗନ୍ନାଥ ସଂସ୍କୃତିରେ ବଡ଼ ଠାକୁର ରାଜାପ୍ରଜା, ଧନୀଦରିଦ୍ର, ଦୁର୍ବଳ ସବଳ ନିର୍ବିଶେଷରେ ସମସ୍ତଙ୍କର ବୋଲି ଏହି ନାଟକରେ ମୁଖ୍ୟତଃ ଦର୍ଶାଯାଇଥିଲା। ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ଏବଂ ପାରମ୍ପାରିକ ପୋଷାକ ପ୍ରତିଯୋଗିତା ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା। ଶେଷରେ ଆଗନ୍ତୁକ ମାନଙ୍କୁ ଚାରକୋଲ କ୍ୟାଟରିଙ୍ଗ ଦ୍ୱାରା ପ୍ରସ୍ତୁତ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ଯଥା ଘିଅ ଅନ୍ନ, ଡାଲମା, ବେସର, ଶାଗ, ଖଟା, ଚୁଡ଼ାଘସା, ଟଙ୍କତୋରାଣି ଓ ରସଗୋଲା ପରସା ଯାଇଥିଲା। ସମଗ୍ର ରଥଯାତ୍ରା ଉତ୍ସବ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କର ମାର୍ଗଦର୍ଶନରେ ସମ୍ପନ୍ନ କରାଯାଇଥିଲା। ମହୋତ୍ସବକୁ ସୂଚାରୁ ରୂପେ ଆୟୋଜନ ଏବଂ ସଫଳତାର ସହିତ ସମାପନ କରିବାରେ ଓସକାନର ସୁଦକ୍ଷ ସଂଗଠକବୃନ୍ଦ ଯଥା ସଭାପତି ଶାଶ୍ୱତ ପାଢ଼ୀ, ସଦସ୍ୟଗଣ ସୁଶିଳ ଦାସ ମହାପାତ୍ର, ଅଂଶୁମାନ ମିଶ୍ର, ପରିତୋଷ ମହାପାତ୍ର, ନୀଳମାଧବ ମିଶ୍ର, ସୋମନାଥ ଲେଙ୍କା, ଲୋପାମୁଦ୍ରା ନାୟକ, ଦୀପକ ପରିଡ଼ା, ଦେବଦତ୍ତ ଦାସ, ଅରବିନ୍ଦ ଘଡାଇ ଏବଂ ଶୁଭେନ୍ଦୁ ଆଚାର୍ଯ୍ୟ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଳିତବର୍ଷର ପ୍ରଥମ ରଥଯାତ୍ରାକୁ ଆୟୋଜନ କରିବାରେ ଏ.ଏ.ଓ.ଏନ୍. ଏକ୍ସ.ଟି, ନୋବେଲ ମୋର୍ଟଗେଜେସ, ଗୀକ୍ ସଫ୍ଟ କନସଲଟିଙ୍ଗ, ପ୍ରିଲକ କନସଲଟିଙ୍ଗ, ଇଟିଆ କନସଲଟିଙ୍ଗ ଓ ଇନୋଭରେନ୍ ଆଇଟି ପ୍ରମୁଖ ସଂସ୍ଥା ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ।

# ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବିଶାଖାପାଟଣା ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା



ବିଶାଖାପାଟଣା, (ପି.ଏନ): ବିଶାଖାପାଟଣାଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଲସନସ ବେ କଲୋନୀସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପ ଉପରେ ବିରାଜମାନ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସକାଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା। ଦିନ ୪ ଟା ବେଳେ ଚାରି ଠାକୁରଙ୍କୁ ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା। ଏହାପରେ ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଏବଂ ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ। ସନ୍ଧ୍ୟା ପାଞ୍ଚଟା ବେଳେ ରଥ ଟଣାର ଶୁଭାରମ୍ଭ କରଯାଇଥିଲା। ଉପସ୍ଥିତ ପ୍ରାୟ ୪୦୦୦ ଭକ୍ତଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦ୍ୟୁମନ୍ଦ ଆବାଜ ମଧ୍ୟରେ ବିଶାଖାପାଟଣାର ରାଜ ରାସ୍ତାରେ ରାଜକୀୟଠାଣିରେ ମହାପ୍ରଭୁଙ୍କର ରଥ ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା। ଉତ୍ସବର ବିଶେଷ ସାଂସ୍କୃତିକ ଆକର୍ଷଣ, କଳାହାଣ୍ଡିର କେସିଙ୍ଗାରୁ ଆସିଥିବା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଦୁଲଦୁଲି କଳାକାର ମାନଙ୍କର ଅଲୌକିକ କଳା ଚାତୁର୍ଯ୍ୟ ଓ ଅଭୂତପୂର୍ବ ସୃଜନଶୀଳ ପ୍ରଦର୍ଶନ ଥିଲା। ପାଞ୍ଚ କିଲୋମିଟର ଦୀର୍ଘ ଫେରନ୍ତି ଯାତ୍ରା ସମୟରେ ସେମାନଙ୍କର ଘୋରଘର୍ଗର ବାଦ୍ୟ ବାଦନ ଗଗନ ପବନକୁ ପ୍ରକମ୍ପିତ କରିବା ସହିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ରଥଟିକୁ ଶାନ୍ତି ଆଶ୍ରମ, ଭୁଡ଼ା ପାର୍କ, ଏୟୁ ଗେଟ୍, ଭୁଡ଼ା ଚିଲେଡ୍ରେନସ ଆରେନା ଏବଂ ଆକାଶବାଣୀ ବାଟ ଦେଇ ଟଣା ଯାଇ ଦଶପଲ୍ଲା ପାହଡିରେ ଥିବା ମୁଖ୍ୟ ମନ୍ଦିରକୁ ରାତି ୮ ଟା ସୁଦ୍ଧା ଅଣା ଯାଇଥିଲା। ଏଠାରେ ରଷି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ। କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା। ଶ୍ରୀ ଜଗନ୍ନାଥ ଅବିଳମ୍ୱେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଞ୍ଚସ୍ଥ କରଯାଇଥିଲା। ଏହା ପରେ ଦିଅଁ ମାନଙ୍କୁ ରୋଷଣୀ କରାଯାଇ ରଥ ଉପରୁ ମୁଖ୍ୟ ମନ୍ଦିରକୁ ନିଆଯାଇ ରତ୍ନ ସିଂହାସନରେ ଆସୀନ କରାଯାଇଥିଲା। ଚଳିତ ବର୍ଷର ଉତ୍ସବ ଆୟୋଜନରେ ସ୍ଥାନୀୟ ମାରୱାଡି ଯୁବ ମଞ୍ଚ ଏବଂ ଗୁରୁଦ୍ୱାର ସାଧୁ ସଙ୍ଗତ ସକ୍ରୀୟ ସହଯୋଗ କରିଥିଲେ। ବାହୁଡ଼ା ଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନା କରିବାରେ ମନ୍ଦିର କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ, ସାଧାରଣ ସଂପାଦକ ବିମଳ କୁମାର ମହନ୍ତ, ଉପ-ସଭାପତି ଡଃ କରୁଣାକର ପାଢ଼ୀ ତଥା ସଦସ୍ୟ ବିଜୟ ମହାପାତ୍ର ଓ ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରି କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

MAHARISHI PUBLIC SCHOOL
2023-2024
ADMISSION OPEN
Maharishi Public School, Baripada



STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक



# କିଟ୍ ଟିବିଆଇକୁ ବାୟୋସ୍ପେକ୍ଟ୍ରମ୍ ଏକ୍ସେଲେନ୍ସ ପୁରସ୍କାର




ଭୁବନେଶ୍ୱର,(ପି.ଏନ): କିଟ୍ ଟେକ୍ନୋଲୋଜି ବିଜିନେସ୍ ଇନ୍‌କ୍ୟୁବେଟର୍ (କିଟ୍-ଟିବିଆଇ)କୁ ସମ୍ମାନଜନକ ବାୟୋସ୍ପେକ୍‌ଟ୍ରମ୍ ଏକ୍ସେଲେନ୍ସ ପୁରସ୍କାର ୨୦୨୧-୨୨ ପ୍ରଦାନ କରାଯାଇଛି। ଦେଶର ସମସ୍ତ ଘରୋଇ ଓ ସରକାରୀ ଇନ୍‌କ୍ୟୁବେଟର ମଧ୍ୟରେ କିଟ୍ ଟିବିଆଇ ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି। ନୂଆଦିଲ୍ଲୀଠାରେ ଶୁକ୍ରବାର କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା କିଟ୍ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ଏହି ପୁରସ୍କାର ଗ୍ରହଣ କରିଥିଲେ। କିଟ୍ ଟିବିଆଇ ସର୍ବାଧିକ ୨୩.୦୧ ନମ୍ବର ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଙ୍ଗାଲୋରସ୍ଥିତ ସରକାରୀ ଇନ୍‌କ୍ୟୁବେଟର ସି-କ୍ୟାମ୍ପ ୧୩.୮୪ ନମ୍ବର ପାଇ ଦ୍ୱିତୀୟ ଏବଂ ସି ଏସ୍ ଆଇଆର-ଏନ୍ ସି ଏଲ୍ ର ଭେଞ୍ଚର ସେଣ୍ଟର ୧୩.୨ ନମ୍ବର ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାୟୋଟେକ୍ନୋଲୋଜି ଓ ଜୀବ ବିଜ୍ଞାନ ଶିଳ୍ପ ଏବଂ ବାୟୋ-ଇନ୍‌କ୍ୟୁବେଟର୍‌କୁ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରତିବର୍ଷ ବାୟୋସ୍ପେକ୍‌ଟ୍ରମ୍ ର୍‍ୟାଙ୍କିଙ୍ଗ୍ କରାଯାଇଥାଏ। କିଟ୍ ଟିବିଆଇର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ପ୍ରଫେସର ସୁଆର ଏବଂ କିଟ୍ ଟିବିଆଇ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୧୨ ମସିହାରେ ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିସ୍ଟାନ୍ସ କାଉନ୍‌ସିଲ୍ (ବିଆଇଆରଏସି) ସହଯୋଗରେ ପ୍ରତିଷ୍ଠିତ କିଟ୍ ଟିବିଆଇ ଓଡ଼ିଶା ସମେତ ଦେଶର ପୂର୍ବାଞ୍ଚଳ ଏବଂ ଉତ୍ତର ପୂର୍ବାଞ୍ଚଳରେ ବାୟୋ-ଏଣ୍ଟରପ୍ରେନର୍‌ସିପ୍‌କୁ ପ୍ରୋତ୍ସାହନ ଓ ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। କିଟ୍ ଟିବିଆଇ ସମଗ୍ର ଦେଶରେ ୨୦୦ରୁ ଉର୍ଦ୍ଧ୍ୱ ବାୟୋଟେକ୍ ଓ ଲାଇଫ୍‌ସାଇନ୍ସ ଆଧାରିତ ଷ୍ଟାର୍ଟଅପ୍‌କୁ ସଫଳତାର ସହ ସହଯୋଗ କରିଛି। ଏହାଛଡ଼ା ଏକ ସଶକ୍ତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିକଶିତ କରିବାରେ କିଟ୍ ଟିବିଆଇର ମଧ୍ୟ ଉଲ୍ଲେଖନୀୟ ଯୋଗଦାନ ରହିଆସିଛି।

# ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ

ଦର୍ପଣ,(ପିଏନ୍): ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ନିର୍ବାଚନ ପରିଚାଳନା କମିଟିର ଅଧକ୍ଷ ଶେଷଦେବ ନାୟକଙ୍କ ଅଧକ୍ଷତାରେ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଗତକାଲି ପୂର୍ବାହ୍ଣ ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜରୁରୀ ବୈଠକରେ କ୍ଷୀରୋଦ ମାହାଲା, ତ୍ରୈଲୋକ୍ୟ ନାୟକ, ହେମନ୍ତ ସାମଲ, ବିଜୟପାଲ ଯାଜବ, ଦେବରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରକ ମାଲିକ ମାନଙ୍କର ଯେଉଁ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଉଛି ସେ ସମସ୍ୟାକୁ ତୁଟାଇବାପାଇଁ ଆଲୋଚନା କରାଯାଇଥିଲା। ବିଶେଷ କରି ଗାଡ଼ିରେ କ୍ରୋମାଇଟ୍ ଲୋଡ଼ିଂ ପାଇଁ ଯେଉଁ ବିଶୃଙ୍ଖଳା ସୃଷ୍ଟି ହେଉଛି ଏବଂ ପାରାଦ୍ୱୀପରେ ଲୁହାପଥର ଅନଲୋଡ଼ିଂ ସମସ୍ୟା ମଧ ଦେଖାଯାଉଥିବାରୁ ଟ୍ରକ ମାଲିକ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । କିପରି ଭାବେ କ୍ରୋମାଇଟ୍ ଲୋଡ଼ିଂ ଓ ଲୁହାପଥର ଅନ୍ ଲୋଡ଼ିଂ ସମସ୍ୟା ଦୂରିଭୂତ ହେବା ସେ ସମ୍ପର୍କରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରାଯାଇଥିଲା। ଟ୍ରକମାଲିକ ମାନଙ୍କ ସଂଘପକ୍ଷରୁ ଆସନ୍ତା ନିର୍ବାଚନ କିପରି ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଟ୍ରକକୁ ସଂଘ ମଧରେ ପଞ୍ଜିକରଣ କରି ସଭ୍ୟପଦକୁ ନବୀକରଣ କରିବା ପାଇଁ ଆସନ୍ତା ୧୦ତାରିଖ ମଧରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଟ୍ରକ ମାଲିକମାନେ ପ ିକୃତ ସହିତ ସଭ୍ୟପଦକୁ ନବୀକରଣ କରାଇ ପାରିଲେ ସେ ଟ୍ରକମାଲିକମାନେ ନିର୍ବାଚନରେ ଭାଗ ନେଇପାରିବେ। ଚଳିତ ଜୁଲାଇ ମାସ ଶେଷ ଭାଗରେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ନିର୍ବାଚନ ହେବାପାଇଁ ନିର୍ବାଚନ ପରିଚାଳନା କମିଟିର ଅଧକ୍ଷ ଶେଷଦେବ ନାୟକ ପ୍ରକାଶ କରିଥିଲେ।

# ବର୍ଷାରେ ଆଗ୍ରହ ବଢୁଛି ଅଜନ୍ତା ସର୍କସ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ରିହାତି



ଭୁବନେଶ୍ୱର,(ପି.ଏନ): ୨ସପ୍ତାହ ପାଇଁ ଅଜନ୍ତା ସର୍କସ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଟିକଟର ମୂଲ୍ୟ ଶତକଡ଼ା ୫୦ଛାଡ଼। ଏନେଇ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଦିର୍ଘ ୮ବର୍ଷ ପରେ ରାଜଧାନୀ ୟୁନିଟ୍ ୩ ପଦର୍ଶନୀ ପଡ଼ିଆରେ ଚିତାକର୍ଷକ ରୋମାଂଚକାରୀ ଅଜନ୍ତା ସର୍କସ ଦିନକୁ ଦିନ ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ଖରା ପରେ ବର୍ଷା ଦିନରେ ଏହାକୁ ଦେଖିବାକୁ ଲୋକଙ୍କ ଉତ୍ସାହ ଅଧିକ ବୃଦ୍ଧି ପାଇଛି। ଆସନ୍ତା ୨ସପ୍ତାହ ଧରି ହେବାକୁ ଥିବା ଏହି ସର୍କସରେ ସଂଖ୍ୟାତ୍ମକ ଯୁବକଯୁବତୀମାନଙ୍କର ଚିତାକର୍ଷକ ବିପଦପୂର୍ଣ୍ଣ ଖେଳ ପ୍ରଦର୍ଶନ କରାଯାଉଛି। ସର୍କସ ଏକ ଅନ୍ତଃରାଷ୍ଟ୍ରୀୟ ଖେଳ । ବିଦେଶରୁ ଆସି ପୂର୍ବରୁ ଏହି ସର୍କସ ଓଡ଼ିଶାର ବିଭିନ୍ନ ସହରରେ ପ୍ରଦର୍ଶିତ ହେଉଥିଲା। ପ୍ରାକ୍ ଐତିହାସିକ କାଳରେ କର୍ମକ୍ଲାନ୍ତ ଜୀବନରେ ମନୋରନ ପାଇଁ ଏହି ସର୍କସକୁ ଦେଖି ମନୋରନ କରିଥିଲେ। ଲୁପ୍ତ ହେବାକୁ ବସିଥିବା ଏହି ଖେଳକୁ ଟିଭି ଓ ମୋବାଇଲରେ ନଦେଖି ସିଧା ସାମ୍ନାସାମ୍ନି ସର୍କସ ଦେଖିଲେ ଏହା ଅଧିକ ରୋମାଂଚକାରୀ। ଆଫ୍ରିକାନ୍, ରଷିଆନ୍, ମଣିପୁରର କଳାକାରମାନେ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଏଥିରେ ଫାୟାର ରିଂ, ଫ୍ଲାଇଂ, ଫାୟାର ଡ୍ୟାନ୍ସ, ସାଇକେଲ ପ୍ଲାଏ, ରିଂ ବାଲାନ୍ସ, ଜୋକର କମେଡ଼ି ସହ ୩୦ପ୍ରକାର ଖେଳ ପଦର୍ଶନ କରାଯାଉଛି। ଏଥିରେ ଗ୍ଲୋବ ମଟର ସାଇକେଲ୍ ରାଇଡ୍ ଅଧିକ ଦର୍ଶକଙ୍କୁ ରୋମାନ୍ସ ଭରି ଦେଉଛି। ଏହାକୁ ଅଜନ୍ତା ସର୍କସର ମ୍ୟାନେଜର ବୈକୁଣ୍ଠ ପାତ୍ର ଓ ସିତ ଘୋଷାଲ ପରିଚାଳଣା କରୁଛନ୍ତି।

# ଉଦୀୟମାନ ଖେଳାଳିଙ୍କୁ ସହାୟତା କଲେ ୫ଟି ସଚିବ



ମାଲକାନଗିରି ,(ପି.ଏନ): ୫ଟି ସଚିବ ଭି କେ ପାଣ୍ଡିଆନଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ଆଜି ମାଲକାନଗିରି ଜିଲ୍ଲାର ଉଦୀୟମାନ ଖେଳାଳି ଷ୍ଟେଲନ ରାଜ୍ ଖୋସଲାଙ୍କ ସହାୟତା କରାଯାଇଛି। କୁମୁଟିଗୁଡ଼ା ନିବାସୀ ଷ୍ଟେଲନ କ୍ରୀକେଟରେ ନିଜ ଭବିଷ୍ୟତ ଗଠନ କରିବେ ବୋଲି ୫ଟି ସଚିବଙ୍କ ମାଲକାନଗିରି ଜିଲ୍ଲା ଗସ୍ତ ସମୟରେ ଜଣାଇଥିଲେ। ୫ଟି ସଚିବ ଶ୍ରୀ ପଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷ୍ଟେଲନଙ୍କ ବିଷୟରେ ଅବଗତ କରାଇଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ଷ୍ଟେଲନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫଳ ସ୍ୱରୂପ ସେ କଟକ କ୍ରୀଡା ହଷ୍ଟେଲ ରେ ରହିବେ । ତାଙ୍କର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ସେ କଟକର ରାଇଜିଂ ଷ୍ଟାର କ୍ଲବ୍ ରେ ପ୍ରଶିକ୍ଷଣ ନେବେ । ଏଥି ସହିତ ସେ ପାଠ ପଢା ମଧ୍ୟ ଜାରି ରଖିବେ । ସେ କଟକର କ୍ରାଇଷ୍ଟ କଲେଜରେ ଅଧ୍ୟୟନ କରିବେ । ତାଙ୍କର ସ୍ୱପ୍ନକୁ ସାକାର କରିଥିବାରୁ ସେ ଏବଂ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ୫ଟି ସଚିବ ତ୍ୱରିତ ପଦକ୍ଷେପ ନେଇଥିବାରୁ ସାରା ଜୀବନ ତାଙ୍କ ନିକଟରେ କୃତଜ୍ଞ ରହିବେ ବୋଲି କହିଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ କୋଡ଼ିଏ ହଜାର ଟଙ୍କାର ଆର୍ଥିକ ରାଶି ସହାୟତା ପ୍ରଦାନ କରିଛନ୍ତି। କ୍ରୀକେଟ୍ ଖେଳରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲା ତଥା ରାଜ୍ୟର ଟେକ ରଖିବା ପାଇଁ ଜିଲ୍ଲାପାଳ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଥାଉ କି ଷ୍ଟେଲନ ପିଲାଟି ଦିନରୁ ବାପାଙ୍କୁ ହରାଇଛନ୍ତି। ମାଆଙ୍କ ସହ ମାମୁ ଘରେ ରୁହନ୍ତି । ମାମୁଙ୍କ ସ୍ୱଳ୍ପ ରୋଜଗାରରେ ପୁରା ପରିବାର ଚଳିବା କଷ୍ଟକର ଥିଲା। ସମ୍ମାନର ଶେଷ ବର୍ଷର ଛାତ୍ର।

# ତେଲେଙ୍ଗାପେଣ୍ଠ ଗାନ୍ଧୀପୀଠର ହେଉ ରୂପାନ୍ତରଣ

ଫୁଲନଖରା,(ପି.ଏନ): ସିଏମସି ୫୯ ନମ୍ବର ୱାର୍ଡ଼ ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ନାଁ ଉଠିଲେ ଏଠାରେ ଥିବା ଐତିହାସିକ ଗାନ୍ଧିପୀଠର ଚିତ୍ର ସ୍ୱତଃ ମନକୁ ଆସେ। ୧୯୩୪ମସିହାରେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଓଡ଼ିଶା ଆଗମନ ପରିପ୍ରେକ୍ଷୀରେ ସେହି ବର୍ଷ ମେ ମାସ ୧୫ତାରିଖରେ ସେ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠରେ ରାତ୍ରୀ ଯାପନ କରିଥିଲେ। ଏହାକୁ ସ୍ମରଣୀୟ କରି ରଖିବାକୁ ସେଠାରେ ଗାନ୍ଧିଜୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ ସହିତ ପୀଠର ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ନାନାବିଧ ପଦକ୍ଷେପ ନିଆଯାଇଥିଲା। ମାତ୍ର ଅଦ୍ୟାବଧି ପୀଠର ଆଶାନୁରୂପ ବିକାଶ ଘଟିନଥିବା ଦେଖାଯାଇଛି। ୧୬ନମ୍ବର ଜାତୀୟ ରାଜପଥରୁ ପୀଠକୁ ସିଧା ସଳଖ ସଂଯୋଗକାରୀ ରାସ୍ତା ଏବଂ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଏ ଯାଏଁ ଆରମ୍ଭ ହୋଇନାହିଁ। ୧୯୬୯ ମସିହାରୁ ଆରମ୍ଭ ହୋଇଥିବା ଗାନ୍ଧି କୃଷି ଓ ଶିଳ୍ପ ମେଳା ଦୀର୍ଘ ବର୍ଷ ହେଲା ବନ୍ଦ ରହିଛି। ୪୮୦ଡିସିମିଲ ଜମି ଥିବା ଏହି ପୀଠର କିଛି ଅଂଶ ଜବର ଦଖଲରେ ରହିଥିବା ଅଭିଯୋଗ ହୋଇଛି। ଅନୌପଚାରିକଭାବେ ଜିଲାପାଳ ପ୍ରାତଃ ଭ୍ରମଣରେ ଆସି ପୀଠର ଉନ୍ନତିକରଣ ସକାଶେ ଏକାଧିକ ପ୍ରସ୍ତାବ ଓ ପ୍ରତିଶ୍ରୁତି ଦେଇଥିଲେ; ଅଥଚ ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ପରିଲକ୍ଷିତ ହୋଇଛି।

# ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ



ଦର୍ପଣ,(ପିଏନ୍): ଅଗ୍ରଣୀ ଅନୁଷ୍ଠାନ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଣ୍ଡିଖୋଲ ପକ୍ଷରୁ ଆଜି ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଧାନମଣ୍ଡଳ ସ୍ଥିତ ହୋଲି ଯେଶଶ ବିଦ୍ୟାଳୟଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପ୍ରଭାତରୁ ଛାତ୍ରଛାତ୍ରୀମାନେ ବ୍ୟାନର ଓ ପ୍ଲଗ କାର୍ଡ଼ ଧରି ସଚେତନତା ଶ୍ଳୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ଫଳ , ଫୁଲ ଚାରା ରୋପଣ କରିବା ସହ ଏକ ସଚେତନତା ସଭା କରାଯାଇ ବନ ମହୋତ୍ସବ ସପ୍ତାହ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ଅବିଭାଷଣ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଦର୍ପଣ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ, ମୁଖ୍ୟଅତିଥି ସାମ୍ବାଦିକ ମହେଶ୍ୱର ବଳ, ମୁଖ୍ୟବକ୍ତା ସମାଜସେବୀକା ଦେବଜାନୀ ପ୍ରଧାନ, ଅରୁଣୀ ନନ୍ଦ, ଅଧାପକ ଅମ୍ବିକା ମିଶ୍ର ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ହୋଲିଯେଶସ ବିଦ୍ୟାଳୟକୁ ୨୦୨୩ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ତରଫରୁ ପ୍ରକୃତି ମିତ୍ର ପ୍ରଦାନ କରାଯାଇଥିବା ଅବସରରେ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ କାମିନୀ ନାୟକଙ୍କୁ ଉଦୀୟମାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ମୋହନ ଖିଲାର, ସିବରାମ ସାହୁ, ଦିଗାମ୍ବର ମହାପାତ୍ର, ହେମେଶ ଜେନାଙ୍କ ସମେତ ଉଦୀୟମାନ ମହିଳା ସଂଗଠନ ସଦସ୍ୟା ଗାୟତ୍ରୀ ରାଉତ ହରପ୍ରିୟା ମହାନ୍ତି, ବିନୋଦିନ ଦାଶ, ସ୍ନେହଲତା ବାରିକ, ସୀମାରାଣୀ ବିଶ୍ୱାଳ, ଜ୍ୟୋତ୍ସ୍ନା ଦେହୁରୀ, ଶିକ୍ଷକ ପ୍ରତାପ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷ ଶିକ୍ଷୟିତ୍ରୀ ଏହାକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମ ୭ଦିନ ଧରି ପାଳନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray